






# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ‘ବବି ଜାସୁସ୍’ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ ‘ବବି ଜାସୁସ୍’। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ପୁରାଣ କାହାଣୀ

## ମା’କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଋହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଋମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ



ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଋଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ ‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଋଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ



ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ରକ୍ତଦାନ ମହାପୁଣ୍ୟ: ନଷ୍ଟ ହେବା ପରେ ବି କାମରେ ଲାଗୁଛି



ରକ୍ତର ବିକଳ୍ପ ହିଁ ନାହିଁ। ତେବେ ଆଜି ଏହି ରକ୍ତ ସଂକଟ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଯେତିକି ଚିନ୍ତାଗ୍ରସ୍ତ କରୁଛି ତତୋଧିକ ଉଦ୍‌ବେଳିତ କରୁଛି ମୁମୂର୍ଷୁଟିକୁ। ଦିନକୁ ଦିନ ଅଭାବନୀୟ ଘଟଣାଚକ୍ରରେ ଖୋଜା ପଡୁଥିବା ରକ୍ତ ଖୁବ୍ କମ ମାତ୍ରାରେ ମିଳୁଥିବାରୁ ଏହାକୁ ନେଇ ଅଧିକାଂଶ କ୍ଷେତ୍ରରେ ମୁମୂର୍ଷୁଟିର ଜୀବନ ଦୀପ ନିର୍ବାପିତ ହେଉଛି। ସରକାରୀସ୍ତର ଆଉ ବେସରକାରୀସ୍ତରରେ ରକ୍ତଦାନ ଶିବିର ବ୍ୟାପକ ଭାବରେ ଆୟୋଜିତ ହେବା ସହ ଏ ନେଇ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

କଥାରେ ଅଛି ରକ୍ତଦାନ ମହାପୂଣ୍ୟ। ରକ୍ତ ଦେଇ କାହାର ମୂଲ୍ୟବାନ ଜୀବନ ରକ୍ଷା କରିବା ଠାରୁ ଆଉ ମହତ କାର୍ଯ୍ୟ କିଛି ନାହିଁ। ଏହି ରକ୍ତ ନା କେବଳ ରୋଗୀ ଶରୀରରେ ପ୍ରବେଶ କରି ତାଙ୍କ ଜୀବନ ରକ୍ଷା କରୁନାହିଁ ବରଂ ଏହାର ବିଭିନ୍ନ ଉପାଦାନ ମଧ୍ୟ ଲୋକଙ୍କୁ ଦୂରାରୋଗ୍ୟ ବ୍ୟାଧିରୁ ରକ୍ଷା କରୁଛି। ଏପରିକି ନଷ୍ଟ ହୋଇଯାଇଥିବା ରକ୍ତରୁ ମଧ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରିଛନ୍ତି। ଓଡ଼ିଶାରେ ବାର୍ଷିକ ୫ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଉଥିବା ବେଳେ ଏହାର ସିଂହଭାଗ ରକ୍ତ ସିଧାସଳଖ ବ୍ୟବହାର ହେଉଛି। ତେବେ ବଳକା ର୍କତ, ପ୍ଲାଜମା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଛି। ପୂର୍ବରୁ ଏହାକୁ ନଷ୍ଟ କରିଦିଆଯାଉଥିଲା, କିନ୍ତୁ କୋଭିଡ଼ ମହାମାରୀ ପରେ ବ୍ଲଡ଼ ବ୍ୟାଙ୍କ ପକ୍ଷରୁ ଏହାକୁ ଔଷଧ ପ୍ରସ୍ତୁତକାରୀ କମ୍ପାନୀରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିକ୍ରି ଅର୍ଥ ସମ୍ପୃକ୍ତ ରକ୍ତ ଭଣ୍ଡାରର ବିକାଶ ପାଇଁ ବ୍ୟୟ କରାଯାଉଛି। ଏହି ଅର୍ଥ ରକ୍ତ ଭଣ୍ଡାର ଉପରେ ନିର୍ଭର କରୁଥିବା ରୋଗୀଙ୍କ କଲ୍ୟାଣ ଦିଗରେ ବ୍ୟୟ କରାଯାଉଛି।

ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି। ସେଗୁଡ଼ିକ ହେଲା ଓ+, ଓ-, ଏ+, ଏ, ବି+, ବି- ଏବଂ ଏବି। ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ+, ପ୍ରତି ୧୫ ଜଣରେ ଜଣେ ଓ-, ପ୍ରତି ୩ ଜଣରେ ଜଣେ ଏ+, ପ୍ରତି ୧୬ ଜଣରେ ଜଣେ ଏ-, ପ୍ରତି ୧୨ ଜଣରେ ଜଣେ ବି+, ପ୍ରତି ୬୭ଜଣରେ ଜଣେ ବି-, ପ୍ରତି ୨୯ଜଣରେ ଜଣେ ଏବି+ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି- ରକ୍ତବର୍ଗର ମଣିଷ ଓ- ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି। ଏଣୁ ଏହାର ଚାହିଦା ସର୍ବାଧିକ। ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ। ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ। ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ। ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ। ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ। ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ। ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ। ସ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବା ବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ। ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ। ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ।

ରାଜ୍ୟର ୩୦ ଜିଲ୍ଲାରେ ୫୭ଟି ରକ୍ତ ଭଣ୍ଡାର ରହିଥିବାବେଳେ ବାର୍ଷିକ ପ୍ରାୟ ୫ ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥାଏ। ଗତ ବର୍ଷ ୪୯୪୨ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୨୬୦୫୮୧ ଆଉଟଡୋର କ୍ୟାମ୍ପ ଜରିଆରେ ସମୁଦାୟ ୪୮୬୪୮୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହୀତ ରକ୍ତକୁ ବ୍ୟବହାର ଅନୁସାରେ ଭିନ୍ନ ଭିନ୍ନ ତାପମାତ୍ରାରେ ସଂରକ୍ଷିତ ରଖାଯାଇଥାଏ। ତେବେ ୩୫ ଦିନ ପରେ ରକ୍ତ ଆଉ ବ୍ୟବହାରଯୋଗ୍ୟ ହୋଇନଥାଏ। ରାଜ୍ୟରେ ସଂଗ୍ରହ କରାଯାଉଥିବା ସମୁଦାୟ ୟୁନିଟରୁ ପ୍ରାୟ ୧ ପ୍ରତିଶତ ଜୀବନକାଳ ଶେଷ ହୋଇଯାଇଥାଏ। ରକ୍ତ ସଂଗ୍ରହ ପରେ ସେଥିରେ ଏଚଆଇଭି, ହେପାଟାଇଟିସ ବି ଓ ସି, ଏଚ୍‌ଟିଏଲଭି, ୱେଷ୍ଟ ନାଇଲ ଭାଇରସ ଆଦି ଯାଞ୍ଚ କରାଯାଇଥାଏ। ସଂଗୃହୀତ ରକ୍ତରେ ଏହି ରୋଗ ଜୀବାଣୁ ଚିହ୍ନଟ ହେଲେ ତାହା କୌଣସି ରୋଗୀଙ୍କୁ ଦିଆଯାଇ ପାରିବନାହିଁ। ପୂର୍ବରୁ ଏହାକୁ ବୈଜ୍ଞାନିକ ପଦ୍ଧତିରେ ନଷ୍ଟ କରିଦିଆଯାଉଥିଲା। ତେବେ ସମ୍ପ୍ରତି ଏଥିରୁ ଫାର୍ମା କମ୍ପାନୀ ବହୁ ଗୁରୁତ୍ୱପୂର୍ଣ୍ଣ ଉପାଦାୟ ବାହାର କରି ସେଥିରୁ ଜୀବନ ରକ୍ଷାକାରୀ ଔଷଧ ପ୍ରସ୍ତୁତ କରୁଛନ୍ତି। ଅପରପକ୍ଷେ ପ୍ରତ୍ୟେକ ବ୍ଲଡ ବ୍ୟାଙ୍କରେ ରକ୍ତରୁ ପ୍ଲାଜମା ସଂଗ୍ରହ କରାଯାଇଥାଏ। ଗୋଟିଏ ୟୁନିଟ ରକ୍ତରୁ ପ୍ଲାଜମା ସମେତ ପ୍ଲେଟଲେଟ ଓ ପିଆରଭିସି ବାହାର କରାଯାଏ। ଏଗୁଡ଼ିକ କର୍କଟ, ଡେଙ୍ଗୁ, କୋଭିଡ଼ ଆଦି ରୋଗୀଙ୍କୁ ଦିଆଯାଏ। ତେବେ ଅନେକ ସମୟରେ ଏହି ପ୍ଲାଜମା ରୋଗୀଙ୍କ କାମରେ ଆସିନଥାଏ। ପୂର୍ବରୁ ଏହାକୁ ନଷ୍ଟ କରି ଦିଆଯାଉଥିଲା। ତେବେ କେନ୍ଦ୍ର ସରକାର ନୂଆ ଗାଇଡ଼ଲାଇନ ଆଣିବା ପରେ ସେଗୁଡ଼ିକୁ ଟେଣ୍ଡର ମାଧ୍ୟମରେ ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ ଯୋଗାଇ ଦିଆଯାଉଛି ଏବଂ କେନ୍ଦ୍ର ସରକାର ସମ୍ପୃକ୍ତ ରକ୍ତ ଭଣ୍ଡାରକୁ ପ୍ରତିବଦଳରେ ଅର୍ଥ ପ୍ରଦାନ କରୁଛନ୍ତି। ଅବ୍ୟବହୃତ ପ୍ଲାଜମା ସରକାରୀ ନିର୍ଦ୍ଧାରିତ ଦରରେ ଅନୁମତିପ୍ରାପ୍ତ କମ୍ପାନୀକୁ ଯୋଗାଇ ଦିଆଯାଉଛି। ପ୍ଲାଜମାରୁ ଆଲବୁମିନ, ଫାକ୍ଟର-୮, ଫାକ୍ଟର-୯ ପ୍ରସ୍ତୁତ କରାଯାଉଛି। ପ୍ଲାଜମା ପ୍ରତିବଦଳରେ ୟୁନିଟ ପିଛା ରକ୍ତ ଭଣ୍ଡାରକୁ ୧୬୦୦ ଟଙ୍କା ମିଳୁଛି।

ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ। କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ। ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ। ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ। ସ୍ୱେଚ୍ଛାକୃତ ରକ୍ତଦାନଠାରୁ ବଳି ଅନ୍ୟ କିଛି ନାହିଁ। କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ। ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ବିବାଦରେ ଟେରେସାଙ୍କ ଏନ୍‌ଜିଓ







୫୪-ଏ, ଏଜେସି ରୋଡ, କୋଲକାତା-୧୬ ସ୍ଥିତ ମିସନାରୀଜ ଅଫ୍ ଚ୍ଯାରିଟୀ (ମଦର ହାଉସ)କୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ନିକଟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଧିକ ଦୁଇପାଦ ଆଗକୁ ଯାଇ ନିଜଆଡୁ କେନ୍ଦ୍ର ସରକାରଙ୍କ ଉପରେ ଅଭିଯୋଗ କଲେ ଯେ ଏହି ସଂସ୍ଥାର ବ୍ୟାଙ୍କ ଖାତାଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଷ୍କ୍ରିୟ କରିଦିଆଯାଇଛି । ଏହା ପରେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ପ୍ରଦାନ କରାଗଲା ତାହା ହେଲା ସଂସ୍ଥାର ବ୍ୟାଙ୍କ ପକ୍ଷରୁ ଜମାଖାତା ବନ୍ଦ କରିବାକୁ ପ୍ରସ୍ତାବ ଆସିଛି, ସରକାରଙ୍କ ପକ୍ଷରୁ ନୁହେଁ । କାରଣ ବିଦେଶୀ ଅନୁଦାନ ଲାଭ କରୁଥିବା ଏହି ସଂସ୍ଥାର କାଗଜପତ୍ର ଠିକ୍ ନାହିଁ, ଡିସେମ୍ବର ୨୦୨୧ ସୁଦ୍ଧା ଅନୁମତି ଅବଧି ଶେଷ ହୋଇଯାଇଛି । ଖାତାକୁ ଚ୍ଯଲୁରଖିବା ଲାଗି ଯେଉଁ ନିୟମ ରହିଛି ସଂସ୍ଥା ସେହି ନିୟମାନୁସାରେ କାର୍ଯ୍ୟ ନ କରିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ସୂଚନା ଦେଇଥିଲେ । ମାମଲାଟି ହେଲା ମଦର ଟେରେସାଙ୍କ ଦ୍ୱାରା ଏହି ସଂସ୍ଥାଟି ସେବା ମାଧ୍ୟମରେ ଧର୍ମାନ୍ତରଣ କରିଥାଏ । ଅତୀତ ବର୍ଷମାନଙ୍କରେ ଭାରତରେ ଲକ୍ଷଲକ୍ଷ ସଂଖ୍ୟକ ହିନ୍ଦୁଙ୍କୁ ସେବା ଯୋଗାଇଦେବା ନାମରେ ଖ୍ରୀଷ୍ଟିଆନକୁ ଧର୍ମାନ୍ତରିତ କରିଛି । ଯେହେତୁ ମଦର ଟେରେସା ନୋବେଲ ପୁରସ୍କାର ପାଇଥିଲେ ତେଣୁ ତାଙ୍କ ସଂସ୍ଥା ଯାହା କଲେ ବି କେହି କିଛି କରିବେ ନାହିଁ, କେହି କିଛି କହିବେ ନାହିଁ, ସାତଖୁଣ ମାଫ କଲା ପରି ସବୁ ଆଇନକୁ ଫାଙ୍କିଦେଇ କାମ ହୋଇପାରିବ, ତାହା ଠିକ୍ ନୁହେଁ । ଏହା ମଧ ସତକଥା ଯେ ଅତୀତରେ ଏହି ସଂସ୍ଥା ବିରୋଧରେ କେହି କହିବା ଦୂରେ ଥାଉ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବଡ କଷ୍ଟକର ଥିଲା । ଏହି ସଂସ୍ଥା ଉପରେ ଦୃଷ୍ଟି ପକାଇବା ପୂର୍ବରୁ ଭାଟିକାନ ସିଟିର ଲୋକେ ଭିନ୍ନ ଭିନ୍ନ ମାର୍ଗରେ ଥାଇ ଅଦୃଶ୍ୟ ଆକ୍ରମଣ କରୁଥିଲେ ।

ଏବେ ହକ୍ ଆଇ ନାମକ ଏକ ସୋସିଆଲ ମିଡିଆରେ ବିଦେଶୀ ଧନ ଗ୍ରହଣ ଆଇନ (ଏଫସିଆରଏ) ଅନୁଯାୟୀ ମିସନାରୀଜ ଅଫ୍ ଚ୍ଯାରିଟୀ ଯେଉଁ ତଥ୍ୟ ପ୍ରଦାନ କରିଛି, ସେ ବିଷୟରେ ଉଲ୍ଲେଖ କରାଯାଇଛି । ତଥ୍ୟାନୁସାରେ ୭୬ ପୃଷ୍ଠାର ଦଲିଲ ବିଶିଷ୍ଟ ଏହି ସ୍ୱେଚ୍ଛାସେବୀ ସଂସ୍ଥାର ୨୦୨୦-୨୧ର ହିସାବ ଅନୁଯାୟୀ ଗୋଟିଏ ବର୍ଷ ମଧ୍ୟରେ ୪୦୬ଜଣ ଦାତାଙ୍କଠାରୁ ୭୫କୋଟି ୧୯ଲକ୍ଷ ୩ହଜାର ଏକଶହ ଷୋହଳ ଟଙ୍କା ୬୭ପଇସା ପାଇଛି । ଦାତାଙ୍କ ମଧ୍ୟରେ ୩୪୭ ବ୍ୟକ୍ତି ଓ ୫୯ଗୋଟି ସଂସ୍ଥା ରହିଛନ୍ତି । ଆମେରିକାର ମିସନାରୀଜ ଅଫ ଚ୍ଯାରିଟୀ ସଂସ୍ଥାରୁ କେବଳ ୪୪ କୋଟି ୧୯ଲକ୍ଷ କୋଲକାତାର ସଂସ୍ଥାକୁ ଦାନସୂତ୍ରେ ଆସିଛି । ଏହାପରେ ସବୁଠି ବଡ ଦାତା ହେଉଛନ୍ତି ଦକ୍ଷିଣ ଆମେରିକାସ୍ଥିତ ଏକ ବାଣିଜ୍ୟିକ ସଂସ୍ଥା କ୍ରିତି ଫାଇନାନ୍ସ ଯାହା ୧୩କୋଟି ୫୨ଲକ୍ଷ ୮୮ହଜାର ୨୯୦ଟଙ୍କା ଦେଇଛି । ଏହି ବାଣିଜ୍ୟିକ ସଂସ୍ଥାଟି ଦକ୍ଷିଣ ଆମେରିକାର ପାନାମା ସିଟୀରେ କାର୍ଯ୍ୟ କରୁଛି, ଯାହାର ନାମ ପାଣ୍ଡୋରା ପେପର୍ସରେ ରହିଛି ବୋଲି କୁହାଯାଇଛି । ଯାହାର ଠିକଣାଟି ହେଉଛି ଇଷ୍ଟ ୫୩ ଷ୍ଟ୍ରୀଟ, ମାର୍ବେଲ୍ଲା ସ୍ୱିସ ବ୍ୟାଙ୍କ ବିଲଡିଂ ୨ୟ ମହଲା, ରିପବ୍ଲିକ ଅଫ ପାନାମା, ପାନାମା । ଅନ୍ୟ ଏକ ସଂସ୍ଥା ସିମି ଫାଉଣ୍ଡେସନ ଯାହା କ୍ରିତି ଫାଇନାନ୍ସର ମାର୍ଫତ ଠିକଣା ଦେଇଛି ସେ ମଧ ୨୦୧୬-୧୭ରୁ ୨୦୨୦-୨୧ ମଧ୍ୟରେ ମିସନାରୀଜ ଅଫ୍ ଚ୍ଯାରିଟୀକୁ ୩୨କୋଟି ଟଙ୍କା ଦାନ ସୂତ୍ରରେ ପ୍ରଦାନ କରିଛି । କଥା ହେଉଛି ମିସନାରୀଜ ଅଫ୍ ଚ୍ଯାରିଟୀକୁ ଦାନ ଦେଇଥିବା କ୍ରିତି ଫାଇନାନ୍ସର ଦକ୍ଷିଣ ଆମେରିକା ନିର୍ଦ୍ଦେଶକ ଓ ଅଧ୍ୟକ୍ଷ ହେଉଛନ୍ତି ଏଡଗାର୍ଡୋ ଇ.ଡିଆଜ୍ ଯାହାଙ୍କ ନାମ ପାଣ୍ଡୋରା ପେପର୍ସରେ ରହିଛି । ଏଡଗାର୍ଡୋ ପାନାମାର ଅନ୍ୟ ଏକ ସଂସ୍ଥା ବାରୀମିଲ୍ ଇନଭେଷ୍ଟମେଣ୍ଟରେ ମଧ୍ୟ ନିର୍ଦ୍ଦେଶକ ରହିଛନ୍ତି । ସେହି କମ୍ପାନୀର ଅଂଶଧନ ୱେଖର୍ଡଟରର ନିର୍ଦ୍ଦେଶକ ହବିଲ ଫଖରୁଦ୍ଦୀନ ଖୋରାକିୱାଲାଙ୍କ ପରିବାରବର୍ଗଙ୍କ ନାମରେ ରହିଛି ଏବଂ ତାଙ୍କ ପରିବାର ପାନାମାର ସଂସ୍ଥାରେ ୨୦ ମିଲିଅନ ଡଲାର ଅଂଶଧନ ରଖିଛନ୍ତି, ଯାହା ଦୁର୍ନୀତିର ତାଲିକାରେ ରହିଛି । ଏକଥା ସତ ଯେ ୨୫୦ରୁ ଅଧିକ ବ୍ୟାଙ୍କ ଖାତାରୁ ମିସନାରୀଜ ଅଫ୍ ଚ୍ଯାରିଟୀ କୋଲକାତାର ସଂସ୍ଥାକୁ ଗତ ୧୫ବର୍ଷରେ ୧୦୯୯ କୋଟି, ଗତ ୫ବର୍ଷରେ ୪୨୬କୋଟି ଏବଂ ଗତ ଗୋଟିଏ ବର୍ଷରେ ୭୫ କୋଟି ଅର୍ଥ ଆସିଛି । ଏହି ସଂସ୍ଥାକୁ ଟ୍ରଷ୍ଟି ଅଫ ଦି ସୋସାଇଟୀ ଅଫ୍ ଦି ମିସନାରୀଜ ଅଫ ଚ୍ଯାରିଟୀ ପାଖରୁ ୫କୋଟି ୩୭ଲକ୍ଷ ୯୯ହଜାର ୫୨୮ଟଙ୍କା, ମିସନାରୀଜ ଅଫ ଚ୍ଯାରିଟୀ ଲୋନ୍ ପାଖରୁ ୩କୋଟି ୯୦ଲକ୍ଷ, ଜୁ ଚି ଫାଉଣ୍ଡେସନ ୭୭ଲକ୍ଷ ୬୪ହଜାର ୯୮୮ଟଙ୍କା, ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ ୭୦ଲକ୍ଷ, ଏଡଭୋକାଥୁସେଟ ହୋର୍ଟେନ ୬୫ଲକ୍ଷ ୫୫ ହଜାର ୮୯୯ ଟଙ୍କା, ୟୁଏଲଏମ୍ ଫାମିଲୀ ଫାଉଣ୍ଡେସନ ୬୩ଲକ୍ଷ ୬୫ହଜାର ୩୭୮ଟଙ୍କା, ଚୁଜି ଫାଉଣ୍ଡେସନ ମୁଖ୍ୟାଳୟ ୪୯ଲକ୍ଷ ୧୦ହଜାର ୯୯୦ଟଙ୍କା ଦେଇଛନ୍ତି । ଆମେ ୧୦ଜଣ ଦାତାଙ୍କ ତାଲିକା ଦେଲୁ । ଏମିତି ଏହି ତାଲିକା ଖୁବ୍ ଲମ୍ବା ରହିଛି । କଥା ହେଉଛି ପୃଥିବୀର ଟିକସ ଚୋରୀ ପାଇଁ କୁଖ୍ୟାତ ପାନାମା ସିଟୀର ଏହି ଅଳ୍ପ ପରିଚିତ କମ୍ପାନୀ କିମ୍ବା ବ୍ୟକ୍ତି ବିଶେଷ କିପରି ଏତେ ବଡ ପରିମାଣର ଅର୍ଥଦାନ କରିଛନ୍ତି ତାହା ହେଉଛି ସନ୍ଦେହର ବିଷୟ, ଅନୁସନ୍ଧାନ ସାପେକ୍ଷ । କାରଣ ବାରିମିଲର ଦୁଇ ନିର୍ଦ୍ଦେଶକ ଏବଂ ଏଡିଗାର୍ଡୋ ପାନାମାର ଅନ୍ୟ ଏକ କମ୍ପାନୀ ପୁରଉଡ ଇନଭେଷ୍ଟମେଣ୍ଟରେ ନିର୍ଦ୍ଦେଶକ ରହିଛନ୍ତି । ଏହିସବୁ ସଂସ୍ଥାର ଆଇନଗତ କାର୍ଯ୍ୟ ଏଲେମେନ୍, କୋର୍ଡେରୋ, ଗାଲିଣ୍ଡୋ ଏଣ୍ଡ ଲି ହାତରେ ରହିଛି । ପୂର୍ବରୁ ପାଣ୍ଡୋରା ପେପର୍ସ ଦୁର୍ନୀତିରେ ଥିବା ସଂସ୍ଥାର ନାମରେ ଭାରତର କିଛି ସଂସ୍ଥାଙ୍କ ସଂପୃକ୍ତି ରହିଥିବା ନେଇ ଅତୀତରେ ସମ୍ବାଦ ପ୍ରକାଶ ପାଇଛି । ଏ ବିଷୟରେ ଭାରତ ସରକାର ଅଧିକ ଅନୁସନ୍ଧାନ କରିବାକୁ ଦାବି ମଧ୍ୟ ଉଠିଛି । ଏବେ ଯଦି ସନ୍ଦେହଜନକ କାର୍ଯ୍ୟରେ ଲିପ୍ତ ଥିବା ଏହିସବୁ ସଂସ୍ଥାଗୁଡିକର ଅର୍ଥ ଦାନସୂତ୍ରରେ ଭାରତର ଏକ ସଂସ୍ଥାକୁ ଆସିଛି, ତେବେ ସେହି ସଂସ୍ଥାର ମଧ ସେହିସବୁ ବିଦେଶୀ ସଂସ୍ଥାଗୁଡିକ ସହ ଅନୈତିକ ସଂପର୍କ ରହିଥିବା ସମ୍ଭବ, ଏଥିରେ ସନ୍ଦେହ କରିବାର ନାହିଁ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଦେଶରୁ ଅନୁଦାନ ଲାଭ କରୁଥିବା ଏନ୍‌ଜିଓ (ସ୍ୱେଚ୍ଛାସେବୀ ସଂଗଠନ)ଗୁଡିକ ୩୧ ଡିସେମ୍ବର ୨୦୨୧ସୁଦ୍ଧା ସେମାନଙ୍କ ଜମାଖାତା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଖୋଲିବା ପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ବିଦେଶୀ ଅନୁଦାନ ଲାଭ କରୁଥିବା ଦେଶର ୨୨୮୩୦ ଗୋଟି ପଞ୍ଜିକୃତ ଏନ୍‌ଜିଓ ମଧ୍ୟରୁ ପ୍ରାୟ ୧୯୦୦୦ ବ୍ୟାଙ୍କ ଜମାଖାତା ଖୋଲିଥିଲେ ହେଁ ଅନେକ ସଂସ୍ଥା ଏପର୍ଯ୍ୟନ୍ତ ତାହା କରିନାହାନ୍ତି । ବିଦେଶୀ ଅନୁଦାନ ଆଇନ ୨୦୨୦ର ସଂଶୋଧନ ଅନୁଯାୟୀ ଏହା କରିବା ବାଧ୍ୟତାମୂଳକ । ପୂର୍ବରୁ ବିଦେଶୀ ଅନୁଦାନ ପାଇଁ ନିୟମିତ ହିସାବ ଦେଖାଉନଥିବା ୬୬୦୦ ଏନ୍‌ଜିଓଙ୍କୁ କେନ୍ଦ୍ର ସରକାର ୨୦୧୬-୨୦ ମଧ୍ୟରେ କଳାତାଲିକାଭୁକ୍ତ କରି ସେମାନଙ୍କ ପଞ୍ଜୀକରଣ ରଦ୍ଦ କରିଛନ୍ତି । ଏହିସବୁ ଏନ୍‌ଜିଓଗୁଡିକ ବିରୋଧରେ ଅନୁଦାନ ଅର୍ଥର ଅପବ୍ୟବହାର ସଂପର୍କୀତ ଅନେକ ପ୍ରମାଣ ମିଳିଥିଲା । ଏହି ନିର୍ଦ୍ଦେଶ ବିରୋଧରେ ଚଳିତବର୍ଷ ଜୁଲାଇ ମାସରେ ରାୟ ଦେଇ ଜୁନ୍-୩୦, ୨୦୨୧ପରେ ବାର୍ଷିକ ଆୟ-ବ୍ୟୟ ତଥ୍ୟ ନଦେଇପାରିଲେ ସରକାର କୌଣସି ପଦକ୍ଷେପ ନେଇପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଥିଲେ । ଫଳରେ ସରକାର ସେହି ସମୟ ୩୧ ଡିସେମ୍ବରକୁ ବୃଦ୍ଧି କରିବାକୁ ବାଧ୍ୟ ହୋଇଥିଲେ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତଥ୍ୟାନୁଯାୟୀ ୨୦୧୬-୧୯ମଧ୍ୟରେ ବିଦେଶରୁ ଭାରତର ସ୍ୱେଚ୍ଛାସେବୀ ସଂସ୍ଥା (ଏନ୍‌ଜିଓ)ଗୁଡିକଙ୍କ ନିକଟକୁ ୫୮୦୦୦କୋଟି ଟଙ୍କା ଅନୁଦାନ ଅର୍ଥ ଆସିଥିଲା । ତେବେ ଅନେକ ଅନୁଷ୍ଠାନ କାର୍ଯ୍ୟ ଅପେକ୍ଷା ନିଜ ବାବଦରେ ଅଧିକ ବେହିସାବୀ ଖର୍ଚ୍ଚ କରିଥିବାର ଲକ୍ଷ୍ୟ କରାଯାଇଥିଲା । ଅନେକ ସ୍ଥଳରେ ଏହି ସଂସ୍ଥାଗୁଡିକ ମାଧ୍ୟମରେ ବିଦେଶରୁ ଅର୍ଥ ଆସି ସନ୍ତ୍ରାସବାଦୀଙ୍କ ଅସ୍ତ୍ରଶସ୍ତ୍ର କିଣା ପାଇଁ ମଧ୍ୟ ଯୋଗାଇ ଦିଆଯାଇଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଥିଲା । ଏପରିକି ଅନେକଗୁଡିଏ ବିକାଶମୂଳକ ସରକାରୀ ପ୍ରକଳ୍ପକୁ ବନ୍ଦକରିବା ପାଇଁ ତଥାକଥିତ ଆନ୍ଦୋଳନର ଷଡଯନ୍ତ୍ର ପାଇଁ ମଧ୍ୟ ଅର୍ଥ ପ୍ରଦାନ ହୋଇଥିଲା । ଅତୀତରେ ତାମିଲନାଡୁର ଆଣବିକ ଶକ୍ତି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦୁଇବର୍ଷ ଯାଏଁ ଯେଉଁ ଲମ୍ବା ଆନ୍ଦୋଳନ ଚ୍ଯଳିଥିଲା ତା ପଛରେ ବିଦେଶୀଶକ୍ତିଙ୍କ ଏହି ଅନୁଦାନ ରହିଥିବାର ପ୍ରମାଣ ମିଳିଥିଲା । ଉକ୍ତ ପ୍ରକଳ୍ପ ରୁଷିଆର ସହଯୋଗରେ ନିର୍ମିତ ହେଉଥିବାରୁ ଆମେରିକା ଓ ୟୁରୋପର ଅନେକ ରାଷ୍ଟ୍ର ସେହି ପ୍ରକଳ୍ପ ବନ୍ଦ କରିବା ପାଇଁ ଏନ୍‌ଜିଓମାନଙ୍କୁ ଅବିରତ ଆନ୍ଦୋଳନ ଜାରି ରଖିବାକୁ ପ୍ରଚୁର ଅର୍ଥ ଯୋଗାଇ ଦେଇଥିଲେ । ଫଳରେ ଅନେକ ସମୟ ନଷ୍ଟ ହେବା ସହ ପ୍ରକଳ୍ପ ନିର୍ମାଣ ବାଧାପ୍ରାପ୍ତ ହେବା ଯୋଗୁ ଖର୍ଚ୍ଚ ମଧ୍ୟ ବଢିଥିଲା । ଦେଶର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ବିଦେଶୀ ଅର୍ଥରେ ସଇତାନୀ କାର୍ଯ୍ୟରତ ଏନ୍‌ଜିଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନରେ ସଂଶୋଧନ ଆଣିଥିଲେ ।

କହିବା କଥା ହେଲା ଡିସେମ୍ବର ମାସ ୨୭ ତାରିଖ ଦିନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟ୍ୱିଟରରେ ଲେଖିଲେ ଯେ ମଦର ଟେରେସାଙ୍କ ମିସନାରୀ ଅଫ ଚ୍ଯାରିଟୀର ବ୍ୟାଙ୍କ ଜମାଖାତାକୁ ନିଷ୍କ୍ରିୟ କରାଯିବା ଯୋଗୁ ୨୨୦୦୦ ରୋଗୀ ଓ କର୍ମଚ୍ଯାରୀ ଭୋକିଲା ରହିବା ସହ ଔଷଧରୁ ବଞ୍ଚିତ ହୋଇଛନ୍ତି । ପଶ୍ଚିମବଙ୍ଗର ବିରୋଧୀଦଳ ନେତା ସୂର୍ଯ୍ୟକାନ୍ତ ମିଶ୍ର ମଧ ସମାନପାଠକୁ ଟ୍ୱିଟ କରି ସମର୍ଥନ ଜଣାଇଲେ । କଥା ହେଲା ଏହି ସଂସ୍ଥା ଅନେକ ସମୟରେ ବିବାଦରେ ରହିଆସିଛି । ଜୁଲାଇ ୨୦୧୮ରେ ଝାଡଖଣ୍ଡରେ ଏହି ସଂସ୍ଥା ନାମରେ ପିଲା ବିକ୍ରୀ ଅଭିଯୋଗ ଆସିଥିଲା । ଝାଡଖଣ୍ଡ ସିଆଇଡି ବିଭାଗ ପକ୍ଷରୁ ମିସନାରୀଜ୍ ଅଫ ଚ୍ଯାରିଟୀ ସମେତ ଅନ୍ୟ ବିଦେଶୀ ଅନୁଦାନ ପ୍ରାପ୍ତ ଏନ୍‌ଜିଓଙ୍କ ଏଫ୍‌ସିଆରଏ ଆଇନ ଉଲ୍ଲଙ୍ଘନ ଅନୁସନ୍ଧାନ ସିବିଆଇ ଦ୍ୱାରା କରାଯିବାକୁ ସୁପାରିଶ କରାଯାଇଥିଲା । ଗତ ୧୪ ଡିସେମ୍ବର ୨୦୨୧ରେ ଗୁଜରାଟର ବଡୋଦରା ଜିଲ୍ଲାର ମକରପୁରା ପୋଲିସ ଥାନାରେ ମିସନାରୀଜ ଅଫ୍ ଚ୍ଯାରିଟୀ ବିରୋଧରେ ହିନ୍ଦୁ ଯୁବତୀମାନଙ୍କୁ ଅର୍ଥଲୋଭ ଦେଖାଇ ଧର୍ମାନ୍ତରିତ ଉଦ୍ୟମ କରାଯାଉଥିବା ଅଭିଯୋଗ ଆସିଥିଲା ।

ମିସନାରୀଜଗୁଡିକର ପ୍ରଚ୍ଯରଦ୍ୱାରା ଖ୍ରୀଷ୍ଟିଆନମାନେ ହିନ୍ଦୁ ଦେବାଦେବୀ ମନ୍ଦିରକୁ ଅପବିତ୍ର କଲାପରି ଘଟଣା ୨୭ ଡିସେମ୍ବର ୨୦୨୧ରେ କର୍ଣ୍ଣାଟକର ଦକ୍ଷିଣ ମାଙ୍ଗାଲୁରୁ ଅନ୍ତର୍ଗତ କୋରାଇନା କାଟେ ମନ୍ଦିରରେ ଦେଖାଯାଇଛି । ୬୨ବର୍ଷୀୟ ଖ୍ରୀଷ୍ଟିଆନ ବ୍ୟକ୍ତି ଦେବଦାସ ଦେଶାଇ (ପି-ଜନ୍ ଦେଖାଇ) ଏକ ବର୍ଷ ହେବ ରାତିରେ ଭିନ୍ନ ଭିନ୍ନ ହିନ୍ଦୁମନ୍ଦିରର ଦାନପାତ୍ରରେ ବୁଲି ବୁଲି ବ୍ୟବହୃତ କଣ୍ଡୋମମାନ ପକାଉଥିଲା । ୨୭ଡିସେମ୍ବର ରାତିରେ ସମାନ ଢଙ୍ଗରେ ମନ୍ଦିର ଦାନପାତ୍ରରେ କଣ୍ଡୋମ ପକାଉଥିବାର ସିସିଟିଭି ଫୁଟେଜକୁ ମନ୍ଦିର କର୍ତ୍ତୃପକ୍ଷ ପୁଲିସକୁ ଦେଇ ଅଭିଯୋଗ କରିଥିଲେ । ହୁବୁଳିର ଉନ୍‌କଲ ବାସିନ୍ଦା ଏହି ଅଭିଯୁକ୍ତକୁ ପୁଲିସ ଗିରଫ କଲାପରେ ସେ ପୂର୍ବରୁ ଏହିପରି କଣ୍ଡୋମ ପକାଇଥିବାର ଦୋଷକୁ ସ୍ୱୀକାର କରିଥିଲା । ଚଳିତବର୍ଷ ଜାନୁଆରୀ ମାସରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ୟେଦୁରପ୍ପା ଏବଂ ତାଙ୍କ ପୁତ୍ର ବିଜୟେନ୍ଦ୍ରଙ୍କ ପୋଷ୍ଟରକୁ କଦର୍ଯ୍ୟ କରିବା ସହ ଏକ କଣ୍ଡୋମ ମଧ ମାଙ୍ଗାଲୋରର ଉଲାଲ ନିକଟସ୍ଥ କୋରାଗଜ୍ଜା ଗୁଳିଗଜ୍ଜା ଦେବସ୍ଥାନରେ ପକାଇଥିଲା । ପୋଲିସ ନିକଟରେ ସେ ଏହାର କାରଣ ସ୍ୱରୂପ ମିସନାରୀଜଙ୍କ ଭୁଲ ପ୍ରଚ୍ଯରରେ ପ୍ରଭାବିତ ହୋଇଥିବା ଉଲ୍ଲେଖ କରିଛି ।

ଏସବୁ ଦୃଷ୍ଟିରୁ ମିସନାରୀଜ ଅଫ୍ ଚ୍ଯାରିଟୀ ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ସୁବିଧାକୁ ଦୁରୁପଯୋଗ କରି ବିଦେଶୀ ଅର୍ଥରେ ଯେଉଁ ଦେଶ ଭଙ୍ଗା କାର୍ଯ୍ୟ ଜାରି ରଖିଛି ସେ ନେଇ ଅଧିକ ଅନୁସନ୍ଧାନ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ହେବା ବାଞ୍ଛନୀୟ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକି ସଭା



କେନ୍ଦ୍ରାପଡା (ପିଏନ୍): ୧୯୩୪ ମସିହା ମେ ମାସ ୨୭ ରୁ ୨୯ ତାରିଖ ୩ଦିନଧରି ଜାତିର ପିତା ମହାତ୍ମା ଗାନ୍ଧୀ ସ୍ଥାନୀୟ ଗରାପୁର ଡାକବଙ୍ଗଳା ଠାରେ ହରିଜନ ପଦଯାତ୍ରରେ ଆସି ଅବସ୍ଥାନ କରିଥିଲେ । ଏହି ଯାତ୍ରା ସମୟରେ ଗାନ୍ଧିଜୀ ଚାନ୍ଦୋଳର ସଲାର ମଠ ଠାରେ ୨୬ ତାରିଖ ଦିନ ଖୋଲା ପଡିଆରେ ରାତ୍ରରେ ରହି ତା ପରଦିନ ବାଲିଆ, ତିନିମୁହାଣୀ ଆଦି ସ୍ଥାନରେ ସଭା କରିଥିଲେ । ୩୦ ତାରିଖ ଦିନ ବାରିମୂଳ ଗାନ୍ଧୀ ପଡିଆ ଠାରେ ସଭା କରିବା ପରେ ଇନ୍ଦୁପୁରର ଧୂମାତ ଠାରେ ଭକ୍ତବିଳାସ ମଠରେ ହରିଜନମାନଙ୍କୁ ମନ୍ଦିର ପ୍ରବେଶ କରାଇ ଛୁଆଁ ଅଛୁଆଁ ଜାତି ଭେଦକ ଦୂର କରିଥିଲେ । ଉକ୍ତ ଐତିହାସିକ ଦିନକୁ ସବୁଦିନ ମନେ ପକାଇବାକୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ଓ ଉତ୍ତର ଦାୟଦ ସଂଗଠନ ଗରାପୁର ଡାକବଙ୍ଗଳା ଠାରେ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଭାପତି ବିମ୍ବାଧର ମୁଦୁଲିଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ତଥା ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉକ୍ତ ଅନୁଷ୍ଠାନ କିପରି ସବୁଦିନ ବଞ୍ଚି ରହିବ ଓ ଉତ୍ତର ପିଢିଙ୍କୁ ଗାନ୍ଧୀଙ୍କ ବାର୍ତ୍ତା ପ୍ରଚାର କରିବା ପାଇଁ ଉତ୍ତର ଦାୟଦମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି କେନ୍ଦ୍ରାପଡା ବିକାଶ ସାମୁଖ୍ୟର ସମ୍ପାଦକ ଅଜୟ ସାମଲ ଆଗାମୀ ଦିନରେ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନନୀୟ ଅତିଥି ବିପିନ ବିହାରୀ ବାରିକ, ଦାୟଦ ସଂଘର ସଭାପତି କୁଳମଣୀ ରାଉତ, ପରିବେଶବିତ୍ ତଥା ସମାଜସେବୀ ନିକିରାଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ପାର୍ଥସାରଥୀ ବେହେରା ବକ୍ତବ୍ୟ ରଖିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଗୋପାଳ କୃଷ୍ଣ ଜେନା ସମ୍ପାଦକୀୟ କ୍ରମରେ ୩ଟି ପ୍ରସ୍ତାବ ରଖିଥିଲେ । ସେଗୁଡିକ ହେଲା ଡାକବଙ୍ଗଳା ଛକକୁ ଗାନ୍ଧୀଛକ ଘୋଷଣ, ଗୁଳନଗରଠାରୁ ଇନ୍ଦୁପୁର ରାସ୍ତାର ନାମ ଗାନ୍ଧୀମାର୍ଗ ଓ ପ୍ରତିବର୍ଷ ମେ ମାସ ୨୮ ତାରିଖକୁ ପଦଯାତ୍ରା ଦିବସ ଭାବେ ସରକାର ପାଳନ କରିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଦାୟଦ ସଂଘ ସମ୍ପାଦକ ପଦ୍ମନାଭ ଦାସ, ରମଣୀ ରଞ୍ଜନ ରାଉତ, ଆଦିକନ୍ଦ ରାଉଳ, ସୁରେଶ ପଟ୍ଟନାୟକ, ବୈଷ୍ଣବ ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ଅମୂଲ୍ୟ ସାହୁ, ନିରଞ୍ଜନ ସାହୁ, ଅକ୍ଷୟ ରାଉତ, ପ୍ରଦୀପ ଦାସ, ଗଦାଧର ନାୟକ, କୃପାସିନ୍ଧୁ ଦାସ, ସସ୍ମିତା ମିଶ୍ର, କାର୍ତ୍ତିକ ମଣ୍ଡଳ, ବଳରାମ ସାହୁ, ମୁକ୍ତାର ଖାଁ, ବସନ୍ତ ପଲେଇ, ନେତ୍ରାନନ୍ଦ କର ଆଦି ଦାୟାଦମାନେ ଯୋଗ ଦେଇଥିଲେ । ସଚ୍ଚିଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ ।

## ନମୁନା ସଂଗ୍ରହ ପରେ ଘିଅ କାରଖାନା ସିଲ୍

ବାଲେଶ୍ୱର (ପିଏନ୍)- ବାହାନଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଅଞ୍ଚଳରେ ଥିବା ଏକ ଘିଅ ପ୍ରସ୍ତୁତ କାରଖାନାରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ କରାଯିବା ପରେ ପୁଲିସ ପକ୍ଷରୁ ଉକ୍ତ କାରଖାନାକୁ ସିଲ୍ କରିଦିଆଯାଇଛି । ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଏକ ଟିମ୍ ଓ ପୁଲିସ ମିଳିତ ଭାବରେ ଉକ୍ତ କାରଖାନାରେ ଚଢ଼ଉ କରି ସେଠାରେ ପ୍ରସ୍ତୁତ ହେଉଥିବା ଦୁଇଟି ବ୍ରାଣ୍ଡର ଘିଅ, ଚାହା ଓ ସୋୟାବଡ଼ିର ନମୁନା ସଂଗ୍ରହ କରାଯାଇ କାରଖାନାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା । କାରଖାନାରୁ ସଂଗ୍ରହ ହୋଇଥିବା ନମୁନା ଭୁବନେଶ୍ୱରସ୍ଥିତ ନମୁନା ପରୀକ୍ଷାଗାରକୁ ପଠାଯାଇ ରିପୋର୍ଟ ଆସିଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାଯାଇଛି । ପୁଲିସ କାରଖାନାକୁ ସିଲ୍ କରିଛି ।

## —'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ—
## ଶିକ୍ଷୟିତ୍ରୀ ପ୍ରେମଶୀଳା ରାଉତରାୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୋର୍ଦ୍ଧା (ପିଏନ୍): ନରଣଗଡ଼ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ଖୋର୍ଦ୍ଧାର ବିଭିନ୍ନ ସାହିତ୍ୟ ସଂଗଠନର ସଦସ୍ୟା ଶ୍ରୀମତୀ ପ୍ରେମଶୀଳା ରାଉତରାୟଙ୍କୁ ବିଦ୍ୟାଳୟ ପରିସରରେ ଉଚ୍ଛ୍ୱସିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଗୋଳବାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ବ୍ଲକ୍ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବାନ ଶ୍ରୀଚନ୍ଦନ, ରାଜ୍ୟ ୟୁଜି ମିଇ ସ୍କୁଲ ଶିକ୍ଷକ ସଂଘ ସମ୍ପାଦକ ରବି ଶତପଥୀ, ଜିଲ୍ଲା ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନ, ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଭୁବନେଶ୍ୱର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଧୂଶାସନ ବଳବନ୍ତରାୟ, ବିଶ୍ୱ ଜୀବନ ସେବା ସଂଘର ସମ୍ପାଦକ ବୈଦ୍ୟନାଥ ବରାଳ, ସାହିତ୍ୟିକ ରମେଶ ଚନ୍ଦ୍ର ପାତ୍ର, ଓରବରସିଂ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସିଆରସିସି ଥିଲେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ବାରିକ, ଭାଗିରଥି ପଟ୍ଟନାୟକ, ଅମୀୟ ପରିଡ଼ା, ସରୋଜିନୀ ସାହୁ, ବିକ୍ରମ କେଶରୀ ଚମ୍ପତି, ନଳିନୀ ଦାଶ, ପ୍ରଭାତ କୁମାର ଦାଶ, ରଶ୍ମୀରାଣୀ ଖୁଂଟିଆ, ତମାଳ ଦେଇ, କଳ୍ପନା ବିଧାର ଓ ଗୋବର୍ଦ୍ଧନ ରଣଜିତ୍ ପ୍ରମୁଖ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କର ବହୁମୁଖୀ ଗୁଣାବଳୀ ପ୍ରଦାନ କରିଥିଲେ । ଏହି ଅବସରରେ ଶ୍ରୀମତୀ ରାଉତରାୟଙ୍କର ଏକ ପୁସ୍ତକ 'ମୁଁ ଶିକ୍ଷାକର୍ମୀ କହୁଛି' ଉନ୍ମୋଚିତ ହୋଇଥିଲା । ଶିକ୍ଷକ ଶୁଭ୍ରାଂଶୁ ରଂଜନ ପାଲଟାସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ।

## ଶ୍ରୀଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ

ଗୋଳାବନ୍ଧ (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଖୁଣ୍ଟପଡା ଗ୍ରାମରେ ଶ୍ରୀ ଶ୍ରୀ ଜଗନ୍ନାଥ ଭାଗବତ ଟୁଙ୍ଗୀର ବାର୍ଷିକ ଉତ୍ସବ ଗତ ମାସ ୩ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଦିନରେ ଭଗ୍ୟ କଳସ ଯାତ୍ରା ଓ ଗୀତାଯଜ୍ଞ ସମେତ ନାମ କୀର୍ତ୍ତନ କରାଯାଇଥିଲା । ଏଥିରେ ସର୍ବଶ୍ରୀ କମଳ ଲୋଚନ ପଣ୍ଡା, ସୁଜିତ କୁମାର ପଣ୍ଡା, ଦେବବ୍ରତ ପଣ୍ଡା, ଅଭିଜିତ ପଣ୍ଡା ପ୍ରମୁଖ ପୂଜାପାଠ ଓ ଗୀତା ପାଠ କରିଥିଲେ । କର୍ତ୍ତା ଓ କର୍ତ୍ତ୍ରୀ ଭାବେ ନାରଦ ନାୟକ ଓ ତାଙ୍କର ସହଧର୍ମିଣୀ ରଶ୍ମିତା ନାୟକ ଦାୟିତ୍ୱ ତୁଲାଇ ଥିଲେ । ଆଖପାଖରୁ ଅନେକ ଭାଗବତ ପ୍ରେମୀ ଓ ଶ୍ରଦ୍ଧାଳୁମାନେ ଏଥିରେ ଯୋଗଦେଇ ଠାକୁରଙ୍କ ଅମୃତବାଣୀ ଶ୍ରବଣ କରିଥିଲେ । ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ କାର୍ଯ୍ୟକ୍ରମର ପ୍ରମୁଖ ଜୟଦେବ ପଣ୍ଡା ସମସ୍ତ ଦାୟିତ୍ୱକୁ ସଠିକ୍ ଭାବେ ତଦାରଖ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୩

# ରାଜାଙ୍କ ରାମଶୁଆ

**ଦେବଦତ୍ତ ବିଶ୍ୱାଳ**

ଜଣେ ରାଜା ପ୍ରାସାଦରେ ରାମ ଶୁଆଟିଏ ପୋଷିଥିଲେ । ସେ ଗୋଟିଏ ସୁନା ପଞ୍ଜୁରୀରେ ରହୁଥିଲା । ମିଠା ଫଳ ଖାଉଥିଲା । ଅମୃତତୁଲ୍ୟ ପାନୀୟରେ ତୃଷ୍ଣା ମେଣ୍ଟାଉଥିଲା । ପ୍ରତିଦିନ ରାଣୀ ତାକୁ ପ୍ରଚୁର ଖାଦ୍ୟ ଦେଉଥିଲେ, ଆଦର କରୁଥିଲେ ଏବଂ କହୁଥିଲେ ମାତ୍ର ରାମଶୁଆ ଜୀବନ ଉପଭୋଗ କରୁଥିଲା କି ? ଜମା ନୁହେଁ । ସେ ସର୍ବଦା ବିଷର୍ଣ୍ଣ ଦେଖାଯାଉଥିଲା । ମାତ୍ର କେଉଁ କାରଣରୁ ? ସେ ସୁନା ପଞ୍ଜୁରୀ, ମିଠାଫଳ ଏବଂ ପାନୀୟ ସମ୍ପର୍କରେ ସଚେତନ ନଥିଲା । ରାଜ୍ୟର ରାଣୀ ଯେ ତାର ସେବା ଏବଂ ଯତ୍ନ କରିବେ ସେଥି ନିମନ୍ତେ ତାର ଅହମିକା ନଥିଲା । ସେ ଏହା ଉପରେ ଗୁରୁତ୍ୱ ଦେଉ ନଥିଲା । ନୀରବ ଅରଣ୍ୟର ଗୋଟିଏ ସବୁଜ ଶାଖାରେ ସେ କିପରି ଦିନେ ବସିପାରିବ, ଏକମାତ୍ର ଏହି ଚିନ୍ତା ତା ମନରେ ଥିଲା । ତାର ଶରୀର ରାଜପ୍ରାସାଦର ପଞ୍ଜୁରୀରେ ଚମତ୍କାର ଭାବେ ରହିଥିଲେ ମଧ୍ୟ ମନ ଥିଲା ଯେଉଁଠାରୁ ଦିନେ ତାକୁ ଫାଶରେ ଧରାଯାଇଥିଲା ଓ ଅଣାଯାଇଥିଲା ସେହି ନିଘଞ୍ଚ ଅରଣ୍ୟରେ । ଜଙ୍ଗଲରେ ସେ ଜାତ ହୋଇଥିଲା ଏବଂ ଗୋଟିଏ ବୃକ୍ଷରେ ବାସ କରୁଥିଲା । ସେହି ଶୁଆଟି ଅନୁଭବ କଲା ଯେ ଗୋଟିଏ ସାମାନ୍ୟ ପକ୍ଷୀ ରୂପେ ବଣରେ ବାସ କରିବା ରାଜାରାଣୀଙ୍କ ଦ୍ୱାରା ଶାସିତ ଏବଂ ପ୍ରଶଂସିତ ହୋଇ ପଞ୍ଜୁରୀରେ ବାସ କରିବା ଠାରୁ ଯଥେଷ୍ଟ ଭଲ । ମଣିଷର ଯଦି ଏହି ଚେତନା ଥାଏ, ନିଶ୍ଚିତ ଭାବେ ସେ ଘରକୁ ଫେରିବା ପାଇଁ ବ୍ୟାକୁଳ ହେବ ଏବଂ ସେହି ଘର ହିଁ ପରମାତ୍ମା । ଯେଉଁ ପାର୍ଥିବ ଜଗତରେ ନିଜକୁ ଅଚିହ୍ନା ମନେ କରିଥାଏ ସେଠାରୁ ସେ ଦୂରେଇ ଯିବ ।

ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,
ଦୂରଭାଷ : ୯୮୬୧୯୪୪୫୯୪

# ଖୁଦୁରୁକୁଣି



ନିରୂପମା ଭୂୟାଁ

ଖୁଦୁରୁକୁଣି ଓଷା ଏକ ପାରମ୍ପରିକ ଓଡ଼ିଆ ଓଷା । ଏହା ଭାଲୁକୁଣି ଓଷା ଓ ଡ଼ିଙ୍କି ଓଷା ଭାବେ ମଧ୍ୟ ପରିଚିତ । ଓଡ଼ିଶାର କୁଆଁରୀ ଝିଅମାନେ ଏହି ଓଷା ପାଳନ କରିଥାନ୍ତି । ଏଥିରେ ଖୁଦୁରୁକୁଣି (ମା'ମଙ୍ଗଳା ଓ ଦୁର୍ଗା)ଙ୍କର ପୂଜାର୍ଚ୍ଚନା କରାଯାଇଥାଏ । ଓଡ଼ିଶାର ସାଧବ ପୁଅମାନେ ସୁଦୂର ଅତୀତରେ ଦେଶ ବିଦେଶକୁ ବଣିଜ କରିବା ନିମନ୍ତେ ଯାଉଥିଲେ । ସେହିପରି ଏକ ସାତ ସାଧବ ଭାଇ ଓ ସେମାନଙ୍କ ଅଲିଅଳି ଭଉଣୀ ତଅପୋଇକୁ ଭାଉଜମାନେ ଯାତନା ଦେବା ଓ ଖୁଦୁରୁକୁଣିଙ୍କୁ ପୂଜି ସେଥିରୁ ମୁକ୍ତି ମିଳିବାକୁ ନେଇ ଏହି ଓଷାର ଆରମ୍ଭ । ଝିଅମାନେ ଦୂରରେ ଥିବା ଆତ୍ମୀୟ ଓ ମୁଖ୍ୟତଃ ଭାଇମାନଙ୍କର ମଙ୍ଗଳ ମନାସି ଏହି ଓଷା ପାଳିଥାନ୍ତି । କିମ୍ବଦନ୍ତୀ ଅନୁସାରେ ପୁରାତନ ଯୁଗରେ ସାତଜଣ ସାଧବ ଭାଇ ବୋଇତରେ ଦୂରଦେଶକୁ ବଣିଜ କରିବା ନିମନ୍ତେ ଯାଉଥିଲେ । ବର୍ଷରେ ଗୋଟିଏ ଦିନରେ ସେମାନେ ଘରକୁ ଲେଉଟି ଆସୁଥିଲେ । ଏହି ଦିନ ତାଙ୍କର ଗୋଟିଏ ମାତ୍ର ଭଉଣୀ ତଅପୋଇ ଏହି ଓଷା ଭାଇମାନଙ୍କର ଶୁଭ ମନାସିବା ପାଇଁ ପାଳୁଥିଲେ । ସେହି ଦିନଠାରୁ କୁଆଁରୀମାନେ ଏହା କରିବାର ବିଧି ରହିଛି । ଏଥିରେ ଝିଅମାନେ ତଅପୋଇ ଗୀତ ଗାଇଥାନ୍ତି । ପିଢ଼ି ପରେ ପିଢ଼ି ଏହି ଗୀତ ଲୋକ ସାହିତ୍ୟ ଭାବରେ ଲୋକମୁଖରେ ଆଜିଯାଏଁ ଚଳିଆସୁଛି । ଏବେ ଏହା ଛପା ହୋଇ ମିଳୁଅଛି । ପ୍ରଥମ ପାଳିରେ ଦୁର୍ଗାଙ୍କର ମହିଷାସୁର ବଧ ବାବଦରେ ବଖଣା ଯାଇଛି । ୨ୟ ପାଳିଟି ହେଉଛି 'ତଅପୋଇ' । ଏଥିରେ ଏହି ସାଧବ ଝିଅର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୂରାଚାର, ସାନ ଭାଉଜଙ୍କ ଦୟା ଓ ତଅପୋଇର ଉଦ୍ଧାର ଆଦି ବଖାଣାଯାଉଛି । ଏହି ଦୁଇଟି ପାଳି ଓଷାରେ ପଢ଼ାଯାଇଥାଏ । ପ୍ରଥମଟିରେ ଦୁର୍ଗାଙ୍କର ଅସୁର ଶକ୍ତିର ବିନାଶ ଓ ଦ୍ୱିତୀୟଟିରେ ତଅପୋଇର ଦୁଃଖ, କଷଣକୁ ସହିବା ଓ ତାହାପରେ ଆନନ୍ଦ ଏହି ଓଷାର ମୁଖ୍ୟ ବିଷୟ ହୋଇଥାଏ । ପୂଜା ଓ ବନ୍ଦାପନା ଶେଷରେ ଖୁଦୁରୁକୁଣିଙ୍କ ମୂର୍ତ୍ତିକୁ ଜଳ ବିସର୍ଜନ କରାଯାଇଥାଏ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ
ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା,
ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୯୩୭୪୭୦୯୮୦

# ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ

**ଯଶସ୍ୱିନୀ ପଟ୍ଟନାୟକ**

'ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।' ଛାତ୍ରବତ୍ସଳ ରାଷ୍ଟ୍ରପତି ରାଧାକୃଷ୍ଣନଙ୍କ ପ୍ରତି ଛାତ୍ରମାନଙ୍କର ଖୁବ ଶ୍ରଦ୍ଧା ଥିଲା । ତେଣୁ ରାଷ୍ଟ୍ରପତି ହେବା ପରେ ଏକ ଛାତ୍ର ପ୍ରତିନିଧି ଦଳ ତାଙ୍କୁ ସାକ୍ଷାତ କରି ତାଙ୍କ ଜନ୍ମଦିନ ଜାତୀୟସ୍ତରରେ ପାଳନ କରିବାର ଅଭିଳାଷ ପୋଷଣ କରିଥିଲେ । ତତ୍କାଳୀନ ମାନ୍ୟବର ରାଷ୍ଟ୍ରପତି କହିଥିଲେ ତାଙ୍କ ଜନ୍ମ ଦିନ ସେମାନେ ପାଳନ କରିବାକୁ ଚାହୁଁଛନ୍ତି ଏହା ଅତି ଉତ୍ତମ କଥା । କିନ୍ତୁ ସେ ଚାହାନ୍ତି ତାଙ୍କ ଜନ୍ମଦିନ ଶିକ୍ଷକ ସମାଜ ପାଇଁ ସମ୍ମାନ ଆଣିଦେଉ । ଅତଏବ୍ ତାଙ୍କ ଜନ୍ମଦିନକୁ ଶିକ୍ଷକଙ୍କ ସମ୍ମାନ ଦିବସ ବା ଗୁରୁ ଦିବସ ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜେ ଜଣେ ଶିକ୍ଷକ ହୋଇଥିବାରୁ ଶିକ୍ଷକକୁଳର ସମ୍ମାନରେ ଏହା ପାଳନ କରାଗଲେ ସେ ଖୁସି ହେବେ ବୋଲି କହିଥିଲେ । ଗୁରୁଙ୍କ ମହିମା ଘେନି ସ୍ୱୟଂ ସନ୍ଥ କବୀର ସ୍ୱଲିଖିତ ଏକ ପଦରେ ଉଲ୍ଲେଖ କରିଛନ୍ତି ଯେ ଉଭୟ ଭଗବାନ ଓ ଗୁରୁ ଏକତ୍ର ଦଣ୍ଡାୟମାନ ହେଲେ ସେ ପ୍ରଥମେ ଗୁରୁଙ୍କୁ ପ୍ରଣାମ କରିବେ । କାରଣ ଗୁରୁ ହିଁ ତାଙ୍କୁ ଈଶ୍ୱରଙ୍କୁ ଜାଣିବାର ଜ୍ଞାନ ସମ୍ଭବ କରାଇବେ । ଯାହା ଭଗବାନଙ୍କୁ ପ୍ରଣାମ କଲେ ହେବନାହିଁ । ସେ ଭଗବାନଙ୍କୁ ପ୍ରଣାମ ହୁଏତ କରିବେ କିନ୍ତୁ ଭଗବାନ କିଏ ଏବଂ କ'ଣ ପାଇଁ ସେ ଶକ୍ତିମାନ ତାହା ଅଜଣା ରହିଯିବ । କବୀର ପୁଣି କହିଛନ୍ତି ବ୍ରହ୍ମାଙ୍କର ମାନସ ପୁତ୍ର ମନୁ ଗୁରୁଙ୍କୁ ହିଁ ମଣିଷର ପ୍ରକୃତ ଅଭିଭାବକ ଦର୍ଶାଇଛନ୍ତି । ମନୁଙ୍କ ଅନୁଯାୟୀ, ବିଦ୍ୟା ମାତା ରୂପରେ ଶିଷ୍ୟକୁ ଲାଳନପାଳନ କରନ୍ତି, ସଦ୍‌ଗୁରୁ ସେ ଶିଷ୍ୟକୁ ଉପଯୁକ୍ତ ଭାବେ ବଞ୍ଚିବାର ପରମଲକ୍ଷ୍ୟ ପ୍ରାପ୍ତିର ସାମର୍ଥ୍ୟ ଦେଇଥାନ୍ତି । ପିତା ମାତା ଶିଶୁକୁ ଜନ୍ମ ଦେଇ ତାର ପାଳନ ପୋଷଣ କରିଥାନ୍ତି କିନ୍ତୁ ବିକାଶର ମାଧ୍ୟମ ହୁଅନ୍ତି ଗୁରୁ । ଶିଶୁକୁ ସତପଥରେ ଚାଲିବା ଶିଖାନ୍ତି ଗୁରୁ । ମନୁଙ୍କ ଦୃଷ୍ଟିରେ ବିଦ୍ୟା ମାତା ହେଲେ ଗୁରୁ ତାର ପିତା । ଏହି ପ୍ରସଙ୍ଗରେ ଏକ କାହାଣୀ ମଧ୍ୟ ରହିଛି । ପୁରାଣ ଯୁଗରେ ଜଣେ ରାଜା ଗୁରୁ ଓ ଭଗବାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ସେ ବିଷୟରେ ଏକ ପରୀକ୍ଷା କରିବାକୁ ଅଧିକାଂଶ ଜ୍ଞାନୀ ଗୁରୁ ହିଁ ଶ୍ରେଷ୍ଠ ବୋଲି ମତ ଦେଇଥିଲେ । ଗୁରୁ ଅଜ୍ଞାନ ରୂପକ ଅନ୍ଧକାରରୁ ମଣିଷକୁ ଜ୍ଞାନ ଔଜ୍ଜଲ୍ୟ ସହିତ ପରିଚିତ କରାଇଥାନ୍ତି । ପ୍ରଥମେ ଗୁରୁଙ୍କୁ ପୂଜିଲେ ସେ ଯଥାର୍ଥରେ ଭଗବାନଙ୍କ ଲୀଳା ସମ୍ପର୍କରେ ଅବଗତ କରାଇଥାନ୍ତି । ଗୁରୁ ଶିଷ୍ୟ ପରମ୍ପରା କ୍ରମରେ ଗୁରୁକୁଳ ଶିକ୍ଷା ଦାନ ଉଲ୍ଲେଖ କରିବାର କଥା ଆବଶ୍ୟକତା ରହିଛି । ପ୍ରାଚୀନ କାଳରେ ଏହି ଶିକ୍ଷା ବିଶେଷ ମହତ୍ତ୍ୱ ରଖିଥିଲା । ସେ ସମୟରେ ଆଜିଭଳି ସ୍କୁଲ ଶିକ୍ଷାର ସୁବିଧା ନଥିଲା । ଥିଲା ଏକ ପାରମ୍ପରିକ ଶିକ୍ଷାଦାନ ବ୍ୟବସ୍ଥା । ଯାହାକୁ କୁହନ୍ତି ଗୁରୁକୁଳ ଶିକ୍ଷା । ଏଥିପାଇଁ ବାଳକ ମାନଙ୍କୁ ଗୁରୁ ଆଶ୍ରମ ପଠାଯାଉଥିଲା । ସେଠାରେ ସେମାନେ ଶିକ୍ଷା ସମାପ୍ତ ଯାଏ ରହି ବିଦ୍ୟା ଶିକ୍ଷା ସହିତ ନୈତିକ ଶିକ୍ଷା ମଧ୍ୟ ଲାଭ କରୁଥିଲେ । ଗୁରୁ ଭାବେ ମୁନି ଋଷି ସେମାନଙ୍କୁ ଶିକ୍ଷାଦାନ ସହିତ ଅଭିଭାବକ ସାଜି ସେମାନଙ୍କର ଭଲମନ୍ଦ ଦେଖାଶୁଣା କରୁଥିଲେ । ଶିଷ୍ୟ ମଧ୍ୟ ଗୁରୁ ପତ୍ନୀଙ୍କୁ ପିତାମାତାର ସମ୍ମାନ ଦେଉଥିଲେ । ଆଧୁନିକ ଯୁଗରେ ଗୁରୁକୁଳ ପରମ୍ପରା ଦେଖିବାକୁ ମିଳୁନଥିଲେ ହେଁ ଗୁରୁକୁଳମାନେ ଅବଶ୍ୟ ପ୍ରତିଷ୍ଠା କରାଯାଉଛି । ବିଶେଷ କରି ଗାନ୍ଧର୍ବ କଳା କ୍ଷେତ୍ରରେ ଏଭଳି ଗୁରୁକୁଳ ଦେଖିବାକୁ ମିଳୁଛି । ଆର୍ଯ୍ୟଭୂମି ଭାରତରେ ଗୁରୁ ପୂଜନର ଏକ ସୁଦୀର୍ଘ ପରମ୍ପରା ଯୁଗ ଯୁଗ ଧରି ମହାଭାରତୀୟ ସ୍ରୋତକୁ ଗୌରବାନ୍ୱିତ କରି ଆସୁଛି । ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ହିନ୍ଦୁ ଧର୍ମଗ୍ରନ୍ଥରେ ଅନେକ ଗୁରୁଙ୍କ ବର୍ଣ୍ଣନା ରହିଛି । ଯେଉଁମାନେ ଗୁରୁ ଶିଷ୍ୟ ପରମ୍ପରାକୁ ଅତି ଉଚ୍ଚସ୍ଥାନ ପ୍ରଦାନ କରିଛନ୍ତି । ପୁରାଣର ସେଇ ୯ଜଣ ଶ୍ରେଷ୍ଠ ଗୁରୁଙ୍କ ମଧ୍ୟରେ ଭଗବାନ ଶିବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଥିବା ବେଳେ ଅନ୍ୟ ପ୍ରମୁଖ ଗୁରୁ ହେଲେ ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପର୍ଶୁରାମ, ବେଦବ୍ୟାସ, ସାନ୍ଦିପନୀ ଓ ଦ୍ରୋଣାଚାର୍ଯ୍ୟ । ଶିବଙ୍କର ଆଦି ଅନ୍ତ ସମ୍ପର୍କରେ କେହି ଜାଣନ୍ତି ନାହିଁ । ଭଗବାନ ଶଙ୍କର ଅନେକ ଶିଷ୍ୟଙ୍କୁ ପରମ ଜ୍ଞାନ ପ୍ରଦାନ କରିଥିବାର ଦୃଷ୍ଟାନ୍ତ ରହିଛି । ତନ୍ମଧ୍ୟରୁ ଅନ୍ୟତମ ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ । ଶିବଙ୍କ ପ୍ରଦତ୍ତ ପର୍ଶୁରେ ସେ ଅନେକବାର ଧରିତ୍ରୀକୁ କ୍ଷତ୍ରୀୟ ଶୂନ୍ୟ କରିଥିଲେ । କୁହାଯାଏ ଶିବ ହିଁ ସୃଷ୍ଟିର ପ୍ରଥମ ଗୁରୁ । ବ୍ରହ୍ମ ବୈବର୍ତ୍ତ ପୁରାଣ ଅନୁସାରେ ନାଗଙ୍କ ଭଉଣୀ ଦେବୀ ଜରତ୍କାରୁ ମନସାଙ୍କ ଗୁରୁ ମଧ୍ୟ ଭଗବାନ ଶିବ । ବୃହସ୍ପତି ଦେବତାମାନଙ୍କ ଗୁରୁ । ମହାଭାରତର ଆଦିପର୍ବ ଅନୁସାରେ ବୃହସ୍ପତି ମହର୍ଷି ଅଙ୍ଗିରାଙ୍କ ପୁତ୍ର । ସେ ତାଙ୍କ ଜ୍ଞାନ ବଳରେ ଦେବତାଙ୍କୁ ସେମାନଙ୍କ ଯଜ୍ଞ ଭାଗ ପ୍ରାପ୍ତ କରାଇବା ସହିତ ଅସୁରଙ୍କ ଯଜ୍ଞରେ ବିଘ୍ନ ଘଟାଇ ଦାନବଙ୍କୁ ହରାଇବାର ପ୍ରୟାସ କରିଥାନ୍ତି । ବୃହସ୍ପତି ମନ୍ତ୍ରର ପ୍ରୟୋଗ କରି ଦେବତାଙ୍କ ପୋଷଣ କରିବା ସହିତ ସେମାନଙ୍କୁ ରକ୍ଷା କରିଥାନ୍ତି । ମହାନ ଯୋଦ୍ଧା ଏବଂ ଜଣେ ବିଶିଷ୍ଟ ଗୁରୁ ଥିଲେ ପର୍ଶୁରାମ । ତାଙ୍କ ଜନ୍ମ ବ୍ରାହ୍ମଣ କୁଳରେ ହୋଇଥିଲା । ଶିବଙ୍କ ଠାରୁ ସେ ଅସ୍ତ୍ରଶସ୍ତ୍ର ଶିକ୍ଷା ପ୍ରାପ୍ତ କରିଥିଲେ । ଭୀଷ୍ମ, ଦ୍ରୋଣ ତଥା କର୍ଣ୍ଣ ତାଙ୍କର ମହାନ ଶିଷ୍ୟଙ୍କ ମଧ୍ୟରେ ଅନ୍ୟତମ । ମହାଭାରତ ଯୁଦ୍ଧ ସମୟରେ କର୍ଣ୍ଣ ପର୍ଶୁରାମଙ୍କୁ ନିଜ ପରିଚୟ ଲୁଚାଇ ତାଙ୍କ ଠାରୁ ଯୁଦ୍ଧ ବିଦ୍ୟା ଶିକ୍ଷା କରିଥିଲେ । ଏହା ଜାଣିବା ପରେ ସେ କ୍ରୋଧ ପ୍ରକାଶ କରି ଅଭିଶାପ ଦେଇଥିଲେ । ଗୁରୁ ଦିବସରେ କେବଳ ଯେ ସ୍କୁଲ ଓ କଲେଜର ଶିକ୍ଷାଗୁରୁ ପୂଜିତ ହୋଇଥାନ୍ତି ତା ନୁହେଁ । ଆଧ୍ୟାତ୍ମିକ ଗୁରୁଙ୍କ ସହିତ ବିଭିନ୍ନ କଳା, କୌଶଳ, କ୍ରୀଡ଼ା ଆଦି ଶିଖାଉଥିବା ଗୁରୁମାନଙ୍କୁ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯାଇଥାଏ । ସର୍ବପଲ୍ଲୀ ରାଧାକୃଷ୍ଣନ ସମଗ୍ର ବିଶ୍ୱକୁ ଏକ ବିଦ୍ୟାଳୟ ରୂପେ ଜ୍ଞାନ କରୁଥିଲେ । ସେ ଭାବୁଥିଲେ ଶିକ୍ଷା ଦ୍ୱାରା ମସ୍ତିଷ୍କର ଉପଯୁକ୍ତ ବିକାଶ କରାଯାଇପାରିବ । ତେଣୁ ସମଗ୍ର ବିଶ୍ୱକୁ ଏକ ପରିବାର ମନେ କରି ସେହି ଅନୁସାରେ ଶିକ୍ଷା ପ୍ରଣାଳୀ ପ୍ରସ୍ତୁତ କରାଯିବା ଉଚିତ ବୋଲି କହିଥିଲେ । ସେ ତାଙ୍କ ବକ୍ତବ୍ୟ ଓ ଲେଖା ମାଧ୍ୟମରେ ଭାରତୀୟ ଦର୍ଶନ ଶାସ୍ତ୍ରକୁ ବିଶ୍ୱ ସମୁଦାୟ ଆଗରେ ଉପସ୍ଥାପିତ କରିବାର ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ପୁରାଣ ଯୁଗରେ ଗୁରୁଙ୍କ ଗୁରୁତ୍ୱ ଗୁରୁ ପୂର୍ଣ୍ଣିମାରେ ପ୍ରତିଫଳିତ ହେଉଥିବା ବେଳେ ଆଧୁନିକ କାଳରେ ଗୁରୁ ଦିବସ ହିଁ ଗୁରୁଙ୍କ ମହିମା ବର୍ଣ୍ଣନାର ଅବସର ଆଣିଦେଇଥାଏ । ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖ ପାଳିତ ହୋଇଥାଏ ଟିଚର୍ସ ଡେ ବା ଗୁରୁ ଦିବସ । ୧୯୬୨ ମସିହାରୁ ନିୟମିତ ଭାବେ ଏହି ଦିବସ ପାଳିତ ହୋଇଆସୁଛି । ଭାରତର ପ୍ରଥମ ଉପରାଷ୍ଟ୍ରପତି, ଦ୍ୱିତୀୟ ରାଷ୍ଟ୍ରପତି, ପ୍ରଜ୍ଞା ପୁରୁଷ, ବିଖ୍ୟାତ ଦାର୍ଶନିକ ଓ ଶିକ୍ଷକ ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଦିବସକୁ ହିଁ ପ୍ରତିବର୍ଷ ଶିକ୍ଷକଙ୍କ ସମ୍ମାନ ଦିବସ ଭାବେ ପାଳନ କରାଯାଉଛି । ଗୁରୁ ଦିବସ ଦିନ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପ୍ରଥମେ ସମସ୍ତେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭକ୍ତିଭରା ପ୍ରଣାମ କରି ଆଶୀର୍ବାଦ ଲାଭ କରିଥାନ୍ତି । ଫୁଲମାଳ ପିନ୍ଧାଇ ଚନ୍ଦନ ଚର୍ଚ୍ଚିତ କରିବା ସହିତ ପୂଜା କରାଯାଇଥାଏ । ଶିକ୍ଷକ ମଧ୍ୟ ଗୁରୁ ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ସେମାନଙ୍କୁ ବିନୟୀ ହେବାର ପରାମର୍ଶ ଦେଇଥାନ୍ତି ।

*ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,*
*ସେକ୍ଟର-୮, ସିଡିଏ, କଟକ*

# ଉତ୍ତମ ଶିଶୁର ଶାରୀରିକ ଗଠନରେ କୃମିନାଶକ ଚିକିତ୍ସା



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏକ ସୁସ୍ଥ ଓ ସୁନ୍ଦର ଶିଶୁଟିର ଶାରୀରିକ ଗଢ଼ଣରେ ତାର ଖାଦ୍ୟ ହଜମ ଓ ପାକକ୍ରିୟାଜନିତ ସୁବିଧା ରହିବା ଅତ୍ୟନ୍ତ ପ୍ରୟୋଜନୀୟ । ଅନେକ ପିଲା ରହିଯାଇଥାନ୍ତି ଯେଉଁମାନଙ୍କ ଶରୀରରେ ଥିବା କୃମି ସେମାନଙ୍କ ଶରୀରର ବିକାଶ ଓ ପୋଷଣରେ ପ୍ରତିବନ୍ଧକ ସାଜିଥାଏ । ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷାପ୍ରତି ଆଗ୍ରହ ଏବଂ ସୁସ୍ଥ ଜୀବନ ଯାପନ ନିମନ୍ତେ ଏହା ଜରୁରୀ । ସେଥିପାଇଁ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳମାନଙ୍କରେ ଏହି ଔଷଧ କେନ୍ଦ୍ର ଏବଂ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳମାନଙ୍କରେ ଏହି ଔଷଧ ବଣ୍ଟନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଛି ।

ପିଲାମାନଙ୍କ ଶରୀରରେ ବହୁଳ ଭାବରେ ଦେଖାଯାଉଥିବା କୃମିର ନାମ ହେଉଛି ଥ୍ରେଡ୍‌ୱାର୍ମ । ଖାଲି ଆଖିରେ ଏହା ଧଳସୂତା ଖଣ୍ଡ ଭଳି ଦେଖାଯାଉଥିବାରୁ ଏହାର ନାମ ଥ୍ରେଡ୍‌ୱାର୍ମ ବା ସୂତାକୃମି । ଏହାକୁ ଦଶୀକୃମି ମଧ୍ୟ କୁହାଯାଇଥାଏ । ପିନ୍ ୱାର୍ମ, ସିଟ୍‌ୱାର୍ମ ଆଦି ବିଭିନ୍ନ ନାମରେ ଏହା ପରିଚିତ । ବିଶେଷକରି ପରିବାରରେ ଜଣଙ୍କ ଠାରେ ଏହା ଏହି କୃମି ଦେଖାଗଲେ ଅନ୍ୟମାନଙ୍କୁ ଏହା ବିଶେଷକରି ପିଲାମାନଙ୍କୁ ଆକ୍ରାନ୍ତ ହୋଇଥାଏ । ପିଲାମାନଙ୍କର ମଳଦ୍ୱାର ସଲ ସଲ ହେବାଯୋଗୁଁ ସେମାନେ ହାତରେ ଏହାକୁ ଘଷାଘଷି କରିଥାନ୍ତି । କେତେକ କ୍ଷେତ୍ରରେ ପିଲାମାନେ ନିଜର ମଳଦ୍ୱାର ମୁହଁ କୁଣ୍ଡାଇବା ଯୋଗୁଁ ସେମାନେ କୃମିର ଡିମ୍ବର ସଂସ୍ପର୍ଶରେ ଆସିଥାନ୍ତି । ପରେ ଏହା ସଂଯୋଗ ବଶତଃ ପାଟିରେ ସଂସ୍ପର୍ଶ ଯୋଗୁଁ ଏହି କୃମିର ଅଣ୍ଡା ପାକସ୍ଥଳୀକୁ ଚାଲିଯିବାର ସମ୍ଭାବନା ଦେଖାଯାଇଥାଏ । କେତେକ କ୍ଷେତ୍ରରେ ମଳଦ୍ୱାରରେ ଥିବା ଅଣ୍ଡାରୁ କୃମି ଜନ୍ମ ହୋଇ କୋଲନ୍ ମଧ୍ୟରେ ପ୍ରତ୍ୟକ୍ଷ ଭାବରେ ବଂଶବିସ୍ତାର କରିଥାନ୍ତି । ଏହି କୃମିର ମୂଳ ଲକ୍ଷଣ ହେଉଛି ଏମାନେ ଅନ୍ୟ କୃମି ଅପେକ୍ଷା ସେତେଟା କ୍ଷତିକାରକ ହୋଇନଥିଲେ ମଧ୍ୟ ପିଲାଟିର ଶରୀରର ଯଥା ତାର ଅଭିବୃଦ୍ଧି ତଥା ପାଚନ ପ୍ରକ୍ରିୟାକୁ ଗୁରୁତର ଭାବରେ ପ୍ରଭାବିତ କରିଥାନ୍ତି । ମଳଦ୍ୱାରରେ ଯାତୟାତ ଓ ଅଠାଳିଆ ଅଣ୍ଡାଯୋଗୁଁ ପିଲାଟିର ମଳଦ୍ୱାର ଖୁବ୍ ଯୋରରେ କୁଣ୍ଡାଇ ହୋଇଥାଏ । ବିଶେଷଭାବରେ ରାତି ସମୟରେ ଏହା ବୃଦ୍ଧି ପାଇଥାଏ । ଯାହାପାଇଁ ପିଲାଟିର ଭଲ ଭାବରେ ନିଦ ହୋଇନଥାଏ । ପିଲାମାନଙ୍କ ମଳଦ୍ୱାର ବାରମ୍ବାର କୁଣ୍ଡାଇ ହେବାଯୋଗୁଁ ଏଥିରେ ପ୍ରଦାହ ହେବାର ଆଶଂକା ଥାଏ । କେତେକ କ୍ଷେତ୍ରରେ ଦେଖାଯାଇଥାଏ ଏହି କୃମି ମଳଦ୍ୱାର ମୁହଁରୁ ବାହାରି ଆସି ପିଲାଟିର ଲିଙ୍ଗର ଅଗ୍ରଭାଗରେ ପ୍ରବେଶ ଯୋଗୁଁ ପିଲାମାନେ ବିଛଣାରେ ପରିସ୍ରା କରିଦେଇଥାନ୍ତି । ଏହାଛଡ଼ା ସାମାନ୍ୟ ପେଟ ଗୋଳମାଳ ସାଙ୍ଗକୁ ଘିମିରି ପରି ଉପସର୍ଗ ଦେଖିବାକୁ ମିଳିଥାଏ । ରାତ୍ରି ସମୟରେ ପିଲାଟିର ମଳଦ୍ୱାର କୁଣ୍ଡେଇକାଣ୍ଡେଇ ହେବା ସହ ଝାଡ଼ାରେ ସଂଖ୍ୟାଧିକ କୃମି ପଡ଼ିଥାନ୍ତି । ଏହିଥିରୁ ପିଲାଟି ଥ୍ରେଡ୍‌ୱାର୍ମର ଶିକାର ହୋଇଛି ବୋଲି ଆପଣମାନେ ଜାଣିବା ଉଚିତ । ପିଲାଟି ଶୋଇବା ସମୟରେ ମଳଦ୍ୱାର ମୁହଁରେ ଏହି କୃମି ଦେଖିବାକୁ ମିଳିଥାଏ ।

ଏହି ଥ୍ରେଡ଼୍‌ୱାର୍ମ ବା ଦଶୀ କୃମିର ଅଣ୍ଡାରେ ଦଶରୁ ଚଉଦ ଦିନ ପର୍ଯ୍ୟନ୍ତ କୃମି ସଂକ୍ରମଣର କ୍ଷମତା ରହିଥିବାରୁ ପ୍ରତି ପନ୍ଦର ଦିନ ବ୍ୟବଧାନରେ ଦୁଇଥର ଡାକ୍ତରଙ୍କ ପରାମର୍ଶରେ କୃମିନାଶକ ଔଷଧ ବ୍ୟବହାର କରିବା ଉଚିତ । ପରିବାରରେ କାହାର କୃମି ହୋଇଥିଲେ ପିଲାମାନଙ୍କ ପାଇଁ ସତର୍କ ହୋଇ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତି । କୃମି ନିରାକରଣ ପାଇଁ ବିଶେଷ ଚିନ୍ତିତ ନ ହୋଇ ପିଲାମାନଙ୍କ ବୁଲାବୁଲି ଓ ଖାଦ୍ୟପେୟରେ ସତର୍କ ଦୃଷ୍ଟି ଦିଅନ୍ତୁ । ସବୁବେଳେ ସେମାନଙ୍କ ହାତ, ନଖ, ମୁହଁ, ଗୋଡ଼ ପରିଷ୍କାର ରଖନ୍ତୁ । ନଖରେ କୃମିର ଡିମ୍ବ ରହିଯିବାର ଆଶଙ୍କା ରହିଥାଏ । ପିଲାମାନଙ୍କ ନଖକୁ ନିର୍ଦ୍ଧାରିତ ସମୟରେ କାଟି ସଫା ରଖିବା ସହ ସେମାନେ ଯେପରି ପାଟିରେ ହାତ ନମାରନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ । ପିଲାମାନଙ୍କ ଝାଡ଼ା ଯିବା ପରେ ଶୌଚ ସମୟରେ ସେମାନଙ୍କ ମଳଦ୍ୱାର ଭଲ ଭାବରେ ସଫା କରନ୍ତୁ । କୃମିନାଶକ କାର୍ଯ୍ୟକ୍ରମ ପାଇଁ ଏଏନ୍‌ଏମ୍, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ନୋଡାଲ ଶିକ୍ଷକ ଓ ପଦାଧିକାରୀଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ରାଜ୍ୟର ଲୋକପ୍ରିୟ ସରକାର କାର୍ଯ୍ୟକ୍ରମର ସଫଳତା ଓ ଲୋକଙ୍କୁ ସଚେତନ ପାଇଁ ବିଭିନ୍ନ ପଦକ୍ଷେପ ନେବାର ଆନୁସଙ୍ଗିକ ବ୍ୟବସ୍ଥା କରିଛନ୍ତି । କୁହାଯାଏ ଏକ ଉତ୍ତମ ରାଷ୍ଟ୍ର ଓ ଗୁରୁତ୍ୱପୂର୍ଣ୍ଣ ସମାଜ ଗଠନରେ ଆଗାମୀ ଭବିଷ୍ୟତ କୁହାଯାଉଥିବା ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗକୁ ଗୁରୁତ୍ୱ ଦେବା ଅପରିହାର୍ଯ୍ୟ । ତେବେ କେବଳ ସରକାରଙ୍କ ଉପରେ ସମସ୍ତ ଦାୟିତ୍ୱ ନିର୍ଭର କଲେ ଚଳିବ ନାହିଁ, ବ୍ୟାପକ ସଚେତନତାର ବାର୍ତ୍ତା ନେଇ ପିଲାମାନଙ୍କର ବାପା-ମାଆ, ଅଭିଭାବକ ଓ ସେ ପାଠପଢୁଥିବା ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରେରଣାଦାୟକ ସହଯୋଗ ଜରୁରୀ । ସେହିପରି ଆପଣ ପିଲାଟିକୁ ଯେତେ ସୁଷମ ଖାଦ୍ୟ, ଫଳ, ପନିପରିବା, ଔଷଧପତ୍ର ଦେଲେ ମଧ୍ୟ ଯଦି ପିଲାଟିର କୃମି ସମ୍ବନ୍ଧୀୟ ସମସ୍ୟା ଥାଏ ତାହେଲେ ପିଲାଟିର ଉତ୍ତମ ସ୍ୱାସ୍ଥ୍ୟ ରହିବନାହିଁ । ତେଣୁ ଏ କ୍ଷେତ୍ରରେ ଅଭିଭାବକମାନେ ଯତ୍ନବାନ ହୋଇ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ*
*ବିଭାଗ, ଫକୀରମୋହନ ମେଡ଼ିକାଲ*
*କଲେଜ, ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪,*

# ପେନ୍‌ସନ କମିଟି : ଆଶା କମ୍, ଆଶଙ୍କା ବେଶୀ

**ବୃହସ୍ପତି ସାମଲ**

କେନ୍ଦ୍ର ସରକାରଙ୍କ ପେନସନ ନୀତିରେ ପରିବ ର୍ନ ଯୋଗୁଁ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟର କୋଟି କୋଟି ସରକାରୀ କର୍ମଚାରୀ ଓ ପେନସନଭୋଗୀ ବୟସର ଅପରାହ୍ନରେ ଆଶାବାଡ଼ି ସାଜିଥିବା ପେନସନର ଭବିଷ୍ୟତକୁ ନେଇ ଅନେକ ସନ୍ଦେହ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି । ନବ୍ୟ ଉଦାରବାଦ ନୀତି ପରିଚାଳନାର ଏକ ଅଂଶ ବିଶେଷ ଭାବେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ବିଶ୍ୱ ବ୍ୟାଙ୍କର ପ୍ରରୋଚନାରେ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରୀକ ମେ଼ଣ୍ଟ ସରକାରଙ୍କ ଜିଦ୍‌ଖୋର ମନୋବୃ ି ଯୋଗୁଁ ସମସ୍ତ କେନ୍ଦ୍ର ବେସାମରିକ ସରକାରୀ କର୍ମଚାରୀଙ୍କ ପାଇଁ ଜାନୁଆରୀ ପହିଲା ୨୦୦୪ରୁ ପୁରାତନ ପେନସନ ଯୋଜନା (ଓପିଏସ) ବାତିଲ ହୋଇ ନୂତନ ପେନସନ ଯୋଜନା ଅଥବା ଜାତୀୟ ପେନସନ ଯୋଜନା (ଏନପିଏସ)ର ପ୍ରଚଳନ ହେଲା ଓ ପରେ ୨୦୧୩ରେ ସଂଯୁକ୍ତ ପ୍ରଗତିଶୀଳ ମେ଼ଣ୍ଟ ସରକାରଙ୍କ ସମୟରେ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ଲାଗୁହେଲା । ଓଡ଼ିଶା ଭଳି ରାଜ୍ୟ ୧ ଜାନୁଆରୀ ୨୦୦୫ରୁ ଏନପିଏସ ଲାଗୁ କରିଥିବା ବେଳେ ପଶ୍ଚିମବଙ୍ଗ ଓ ତାମିଲନାଡ଼ୁ ଭଳି ରାଜ୍ୟରେ ଏ ପର୍ଯ୍ୟନ୍ତ ଏହା ଲାଗୁ ହୋଇନାହିଁ । ୨୦୦୩ରୁ ରାଜ୍ୟ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ କର୍ମଚାରୀମାନଙ୍କର କ୍ରମାଗତ ସଂଘର୍ଷ ଫଳରେ ଏନପିଏସ ନୀତିରେ କିଛିଟା ପରିବ ର୍ନ ଆସିବା ସହ ଆନ୍ଧ୍ରପ୍ରଦେଶ ସରକାର ଶେଷ ଦରମାର ୩୩ପ୍ରତିଶତ ପେନ୍‌ସନ ଆକାରରେ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ନିକଟ ଅତୀତରେ ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ ଓ ହିମାଚଳ ପ୍ରଦେଶର ରାଜ୍ୟ ସରକାରମାନେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଓପିଏସକୁ ଫେରିବା ନିମି   ବିଜ୍ଞପ୍ତି ଜାରି କରିଛନ୍ତି ଏବଂ ମହାରାଷ୍ଟ୍ର ସରକାର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପାଇଁ ୧୪ ମାର୍ଚ୍ଚ ୨୦୨୩ରେ ଏହି କମିଟି ନିଯୁକ୍ତି କରିଛନ୍ତି । ଫଳରେ ୨୦୦୩ରୁ ଏଯାବତ୍ ଗୋଟିଏ ପଟେ ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ ଓ ଶିକ୍ଷକଙ୍କ ସହ ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିରବଚ୍ଛିନ୍ନ ଆନ୍ଦୋଳନ ଓ ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ଓପିଏସ ମୁହାଁ ହେଉଥିବା ଯୋଗୁଁ କେନ୍ଦ୍ର ସରକାର ଅନନ୍ୟୋପାୟ ହୋଇ ଏନପିଏସ ନୀତିରେ କିଛିଟା ପରିବ ର୍ନ ଆଣିବା ସକାଶେ ଭାରତର ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ବସେଇବେ ବୋଲି ୨୪ମାର୍ଚ୍ଚ ୨୦୨୩ରେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରି ୬ଏପ୍ରିଲ ୨୦୨୩ରେ ଲିଖିତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଶ୍ରମିକ କର୍ମଚାରୀଙ୍କ ମଙ୍ଗଳ ସକାଶେ ସରକାର ଏନପିଏସର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଗତ ବଜେଟ୍ ଅଧିବେଶନରେ ଏକ ବିଧିବଦ୍ଧ ନିଷ୍ପତି ନେବେ ବୋଲି ଆଶା କରାଯାଉଥିଲା । ହେଲେ କମିଟି ଗଠନ କରି ସରକାର କର୍ମଚାରୀଙ୍କ ଆନ୍ଦୋଳନରେ ବିରାମ ଲଗାଇବାକୁ ଚେଷ୍ଟା କରିଛନ୍ତି ହୃଦବୋଧ କରି କମିଟିର କାର୍ଯ୍ୟକାରିତାକୁ ନେଇ କର୍ମଚାରୀ ମହଲରେ କମ୍ ଆଶା ଏବଂ ଅନେକ ଆଶଙ୍କା ଓ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି ।

ଏଭଳି ଆଶଙ୍କାର କେତେକ ମୁଖ୍ୟ କାରଣ ନିମ୍ନମତେ ଆଲୋଚନା କରାଯାଇପାରେ ।

ପ୍ରଥମତଃ, ଏନପିଏସ ଉପରେ କର୍ମଚାରୀ ପକ୍ଷସହ ବାରମ୍ବାର ଆଲୋଚନା ପରେ ଶେଷରେ ଜଏଣ୍ଟ କସଲଟେଟିଭ ମେସିନାରୀ ଜାତୀୟ ପରିଷଦର ୧୪ ଡ଼ିସେମ୍ବର ୨୦୦୭ର ଷ୍ଟାଣ୍ଡିଂ କମିଟି ବୈଠକରେ କେନ୍ଦ୍ର ସରକାର ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । "For the employees who have entered with effect from 01.01.2004 are not likely to be worse off vis-a-vis the current pension system in force, as the replacement rate would match to the present one. Thus, NPS is a win-win situation for the employees and the Govt." କିନ୍ତୁ ଏବେ ଯେତେବେଳେ ଏନପିଏସ ଉପଭୋକ୍ତାମାନେ ଅବସର ନେବା ଆରମ୍ଭ କଲେ ସେତେବେଳେ ଜଣାପଡ଼ିଲା ଯେ ପ୍ରତିଶ୍ରୁତିରୁ ବାସ୍ତବତା ପ୍ରକୃତରେ ବହୁ ଦୂରରେ । "ଆଶ କରିଥିଲି ତୋତେ, କାଉକୁ ଯେମନ୍ତେ କୋଇଲି ଭଣ୍ଡାଏ ସେହିପରି କଲୁ ମୋତେ" । କର୍ମଚାରୀଙ୍କ ତରଫରୁ କୌଣସି ଦେୟ ନଥାଇ ଓପିଏସରେ ଶେଷ ଦରମାର ୫୦% ପେନସନ ଆକାରରେ ମିଳୁଥିଲା ବେଳେ ଏନପିଏସରେ ମାସିକ କର୍ମଚାରୀଙ୍କ ଦେୟ ମୂଳ ଦରମାର ୧୦% ପ୍ରତିଶତ ଓ ସରକାରଙ୍କ ଦେୟ ୧୪% ଥାଇ ମଧ୍ୟ ତାହା ପାଖାପାଖି ୧୦%ରେ ସୀମିତ ରହୁଛି ଯାହା କୋଟି କୋଟି କର୍ମଚାରୀ ଓ ସେମାନଙ୍କ ପରିବାରର ସାମାଜିକ ସୁରକ୍ଷା ଉପରେ ଏକ ବିରାଟ ପ୍ରଶ୍ନବାଚୀ । ଉଦାହରଣ ସ୍ୱରୂପ କୁହାଯାଇପାରେ ଶେଷ ଦରମା ୫୬୯୦୦ଥାଇ ଗୋଳାବାରୁଦ କାରଖାନାର କର୍ମଚାରୀ ଶ୍ରୀ ଶିବଶଙ୍କରନ ୧୬ବର୍ଷ ୬ମାସ ଚାକିରୀ କରି ଅବସର ଗ୍ରହଣ କଲେ । ଓପିଏସରେ ମାସିକ ପେନସନ ଯାହା ୨୮୪୫୦ ହୋଇଥା'ନ୍ତା, ଏନପିଏସରେ ତାହା ମାତ୍ର ୪୯୦୦ ମିଳିଲା । ସେହିପରି ଶ୍ରୀ ରାମଚନ୍ଦ୍ରନ ୧୩ବର୍ଷ ୫ମାସ ଚାକିରୀ କରି ଶେଷ ଦରମା ୩୦୫୦୦ ଥାଇ ଅବସର ନେଲେ । ଓପିଏସରେ ମାସିକ ପେନସନ ଯାହା ୧୫୨୫୦ ହୋଇଥା'ନ୍ତା ଏନପିଏସରେ ତାହା ମାତ୍ର ୨୪୧୭ ମିଳିଲା । ଏହିଭଳି ଉଦାହରଣ ଅନେକ । ଏନପିଏସ ଉପଭୋକ୍ତାମାନେ ସରକାରୀ ଚାକିରୀରୁ ଅବସର ନେଲାପରେ ପରିବାର ପ୍ରତିପୋଷଣ ପାଇଁ କେହି ପରିବା ବିକୁଛି, କେହି ଦିନ ମଜୁରିଆ ଭାବେ କାମ କରୁଛି ତ ଆଉ କେହି ପାନ ଦୋକାନ ଖଣ୍ଡେ କରି ଗୁଜୁରାଣ ମେ଼ଣ୍ଟଉଛି । କେହିକେହି ସ୍ୱାଭିମାନ ଆର୍ଥିକ ବୋଝ ମୁଣ୍ଡେଇ ନପାରି ଆତ୍ମହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ଏମିତି ଖବର ଅସରନ୍ତି । ଏଭଳି ପରିସ୍ଥିତିରେ, କୌଣସି ପ୍ରତିଶ୍ରୁତିକୁ ଭରସା ନକରି କର୍ମଚାରୀମାନେ ନିଜର ତଥା ପରବ ର୍ି ପିଢ଼ିର ଭବିଷ୍ୟତ ଉଜୁଡ଼ିଯିବା ଆଶଙ୍କାରେ ଏନପିଏସ ଉଚ୍ଛେଦ ଆନ୍ଦୋଳନକୁ ତୀବ୍ରତର କରିବାରେ ଲାଗି ପଡ଼ିଛନ୍ତି ।

ଦ୍ୱିତୀୟତଃ, ସପ୍ତମ ବେତନ ଆୟୋଗ ପରିପ୍ରେକ୍ଷୀରେ ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ କରିବେ ବୋଲି ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ତରଫରୁ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରିକଲେ, କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ୬ଜୁଲାଇ ୨୦୧୬ରେ ଏକ ପ୍ରେସ ଇସ୍ତାହାର ଜାରି କରି ଏକ ଉଚ୍ଚ ସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ୪ମାସ ଭିତରେ ନିଷ୍ପ ି ନେବାପାଇଁ ଘୋଷଣା କଲେ । ଲିଖିତ ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଯିବାପରେ ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋ ର କାଳରେ ଉ ର ରଖିଲେ ଯେ, ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧିନ ନାହିଁ । କି ବିଚିତ୍ର କଥା ! ୪ମାସ ଯାଇ ୭ବର୍ଷ ଅତିବାହିତ ହେବାକୁ ବସିଲାଣି, ଉଚ୍ଚ ସ୍ତରୀୟ କମିଟି ଗଠନ ତ ଦୂରର କଥା, ସରକାର କର୍ମଚାରୀଙ୍କ କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି । ସରକାରଙ୍କ ତରଫରୁ କର୍ମଚାରୀଙ୍କୁ ଦିଆଯାଇଥିବା ଏଭଳି ଅନେକ ନିଷ୍ଫଳ ପ୍ରତିଶ୍ରୁତିର ଅବତାରଣା କରାଯାଇପାରେ । ତେଣୁ ଏନପିଏସ କମିଟିର ଫଳାଫଳକୁ ନେଇ କର୍ମଚାରୀ ମହଲରେ ଅନେକ ସଂଶୟ । ତୃତୀୟତଃ, ଏନପିଏସ କମିଟିର ଲିଖିତ ନିର୍ଦ୍ଦେଶନାମାରେ ବିଚାର ନିମନ୍ତେ ଯେଉଁ ସବୁ ସ ାବଳୀ ନିହୀତ ଅଛି ସେଥିରେ କମିଟିର କାର୍ଯ୍ୟକାଳ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ କିମ୍ବା କର୍ମଚାରୀ ପକ୍ଷର ପ୍ରତିନିଧିମାନଙ୍କୁ ନିଜର ପକ୍ଷ ରଖିବା ପାଇଁ କୌଣସି ପ୍ରାବଧାନ ନାହିଁ । ଅଧିକନ୍ତୁ, ଅର୍ଥ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବ, ବ୍ୟୟ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସଭ୍ୟ ରହିଥିବା ବେଳେ ଏଥିରେ କର୍ମଚାରୀ ପ୍ରତିନିଧିମାନଙ୍କର ସ୍ଥାନ ନାହିଁ । ଏଭଳି ପରିସ୍ଥିତିରେ କମିଟିର ସୁସ୍ଥ କାର୍ଯ୍ୟକାରିତାକୁ ନେଇ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ ।

ଚତୁର୍ଥ କାରଣ ହେଲା, ୨୦୨୪ ସାଧାରଣ ନିର୍ବାଚନର ବର୍ଷ ହୋଇଥିବା ଯୋଗୁଁ ୨୦୨୩ ପ୍ରାରମ୍ଭରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କଲାଭଳି ନିଜ ନିଜର ନିର୍ବାଚନୀ ଇସ୍ତାହାରକୁ ରୋଚକ ଓ ମନଲୋଭା କରିବାରେ ବ୍ୟଗ୍ରତା ଦେଖାଉଛନ୍ତି । ଏବେ ଯେଉଁ କେତୋଟି କଂଗ୍ରେସ ଶାସିତ ରାଜ୍ୟ ଓପିଏସକୁ ଫେରିବାକୁ ପ୍ରତିଶ୍ରୁତି ଦେଉଛନ୍ତି, କେନ୍ଦ୍ରରେ ଯେତେବେଳେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେହି କଂଗ୍ରେସ ନେତୃତ୍ୱାଧିନ ସରକାର ଚାଲିଥିଲା, ସେମାନେ ଏନପିଏସ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନନେଇ ବରଂ ୨୦୧୩ରେ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ଲାଗୁ କରେଇ ଏନପିଏସର ଚେରକୁ ମଜଭୁତ କରାଇଲେ । ଏନପିଏସରେ ପରିବ ର୍ନ ଆଣିବା ନୁହେଁ ବରଂ ସମ୍ପୂର୍ଣ୍ଣ ଛଚ୍ଛେଦ କର୍ମଚାରୀଙ୍କର ଦାବି । ତେଣୁ, ପେନସନ କମିଟି ଗଠନ ଏବର କେନ୍ଦ୍ର ସରକାରଙ୍କର ଏକ ନିର୍ବାଚନୀ ଚାଲ କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କୁ ଦିଆଯାଇଥିବା ଅନେକ ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି । ଲୋକେ ଆଜି ବି ବେରୋଜଗାରୀ, ଦରବୃଦ୍ଧି, ଦୁର୍ନିତୀ ତଥା କଳାବଜାରି ସହ ଜୁଝୁଛନ୍ତି । ଏନପିଏସ ଉଚ୍ଛେଦ ପ୍ରସଙ୍ଗ ୨୦୦୩ରୁ ଆରମ୍ଭ ହୋଇ ୨୦ବର୍ଷରେ ପଦାର୍ପଣ କରି ଚାରି ଚାରିଟି ସରକାରର ସାମନା କଲାଣି । ତଥାପି ସଙ୍ଘର୍ଷ ଚାଲିଛି । ରାଜନୈତିକ ଦଳମାନଙ୍କର କୌଣସି ନିର୍ବାଚନୀ ପ୍ରତିଶ୍ରୁତିରେ ବିଶ୍ୱାସ କଲାଭଳି ମାନସିକତା କର୍ମଚାରୀଙ୍କର ଆଉ ଆଦୌନାହିଁ । "ଏ ସନ ମଲୁ ଆର ସନକୁ ବଇଦ" ନ୍ୟାୟରେ କର୍ମଚାରୀମାନେ ବି ଢ଼େର ଅଭିଜ୍ଞତା ଗୋଟେଇଲେଣି ।

ପେନସନ କାହାରି ଦାନ ବା ଦୟା ନୁହେଁ, ବରଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଅନୁମୋଦିତ ଏହା ଏକ କର୍ମଚାରୀର ସାମ୍ବିଧାନିକ ଅଧିକାର । ଦେଶର ଜନପ୍ରତିନିଧିମାନେ ମାତ୍ର ୫ବର୍ଷ ପାଇଁ ନିର୍ବାଚିତ ହୋଇ ନିଜର ବେତେନ ଓ ଭ । ବୃଦ୍ଧିକରି ଓପିଏସ ଆଧାରରେ ଏକାଧିକ ପେନସନର ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ, ସମ୍ପୂର୍ଣ୍ଣ ଯୋଗ୍ୟତା ଭି ିରେ ୩୫ ବର୍ଷରୁ ୪୦ ବର୍ଷ ଚାକିରୀ କରୁଥିବା କର୍ମଚାରୀଙ୍କ ପାଇଁ ବୈମାତୃକ ମନୋଭାବ ପୋଷଣ କରିବା ଭାରତ ଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ । ତେଣୁ ସାରା ଦେଶରେ ଶ୍ରମିକ କର୍ମଚାରୀ ଆନ୍ଦୋଳନ ଶିଖରରେ ପହଞ୍ଚିବା ଆଗରୁ ଉପରୋକ୍ତ କମିଟି ଏନପିଏସର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ଜରୁରୀ ବୋଲି ଆଶା କରାଯାଉଛି ।




# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶ୍ରୁତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ବିୟୋଗ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପୂର୍ବତନ ବିଜେଡି ସଭାପତି ମେହେଙ୍ଗା ସିଂଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଦୀର୍ଘ ଦିନ ହେଲା ଅତି ସଙ୍କଟାପନ୍ନ ଅବସ୍ଥାରେ ଥିବାବେଳେ ଆଜି ତାଙ୍କର ବିୟୋଗ ଘଟିଛି । ତାଙ୍କୁ ଦର୍ଶନ କରିବା ପାଇଁ ବହୁ ଶୁଭେଚ୍ଛୁ ମାଲକାନଗିରି ସଦର ମହକୁମା ସ୍ଥିତ ଦୁର୍ଗାଗୁଡି ସାହିରେ ଥିବା ତାଙ୍କ ବାସଭବନକୁ ଯାଇଥିବା ଜଣାପଡିଛି। ସେ ଆଜି ଭୋର୍ ୪ଟା ୩୦ ମିନିଟ୍ ରେ ମାଲକାନଗିରି ମୁଖ୍ୟ ଜିଲ୍ଲା ଚିକିତ୍ସାଳୟରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁ ବେଳକୁ ମେହେଙ୍ଗା ସିଂଙ୍କ ବୟସ ୭୬ ବର୍ଷ ହୋଇଥିଲା ।

ଶ୍ରୀ ମେହେଙ୍ଗା ସିଂଙ୍କ ଜନ୍ମ ୩ ମାର୍ଚ୍ଚ ୧୯୪୭ ମସିହାରେ ହୋଇଥିଲା । ୧୯୬୫ ମସିହାରେ ମାଲକାନଗିରି ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳକୁ ଆସି ଗୋଟିଯୋଡି ଗ୍ରାମରେ ସେ ବସତି ସ୍ଥାପନ କରିଥିଲେ। ବ୍ୟବସାୟ ଏବଂ କୃଷି ଥିଲା ତାଙ୍କର ମୁଖ୍ୟ ଜୀବିକା ।୧୯୭୭ ମସିହାରେ ସର୍ବ ପ୍ରଥମେ ଜନତା ଦଳରେ ଯୋଗଦାନ କରି ମାଲକାନଗିରି ନିର୍ବାଚନ ମଣ୍ଡଳୀର ସଭାପତି ପଦବୀ ମଣ୍ଡନ କଲା ପରେ କଠିନ ପରିଶ୍ରମ କରି ଜନତା ଦଳର ସଙ୍ଗଠନକୁ ସୁଦୃଢ କରିଥିଲେ। ଫଳରେ ୧୯୭୭ ମସିହାରେ ହୋଇଥିବା ନିର୍ବାଚନରେ ଜନତା ଦଳରୁ ବିଧାୟକ ଭାବେ ନାକା କାନେୟା ବିଜୟ ଲାଭ କରିଥିଲେ। ମେହେଙ୍ଗା ସିଂଙ୍କ ବରିଷ୍ଠ ନେତୃତ୍ୱ ଓ ଦକ୍ଷ ରାଜନୈତିକ ସଂଗଠକ ଯୋଗୁ ଜନତା ଦଳ ବାରମ୍ବାର ବିଜୟ ଲାଭ କରିଥିଲା ମାଲକାନଗିରି ନିର୍ବାଚନ ମଣ୍ଡଳୀରେ। ଶ୍ରୀ ସିଂ ଥିଲେ ପ୍ରବାଦ ପୁରୁଷ ବିଜୁବାବୁଙ୍କର ଅତି ଆପଣାର ମଣିଷ । ସେ ତାଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ। ମାଲକାନଗିରି ଅଂଚଳର ଯାହା ବିକାଶର କଥା ବିଜୁବାବୁଙ୍କ ନିକଟରେ ଉପସ୍ଥାପନ କରୁଥିଲେ, ସିଧାସଳଖ ତାଙ୍କ କଥାକୁ ଗୁରୁତ୍ୱ ଦେଉଥିଲେ। ୧୯୯୦ ମସିହାରୁ ୧୯୯୭ ଜନତା ଦଳ ଏବଂ ୧୯୯୭ ମସିହାରୁ ୨୦୦୭ ମସିହା ପର୍ଯ୍ୟନ୍ତ ବିଜୁ ଜନତା ଦଳର ସଭାପତି ଥିଲେ ।ସେ ଯୁବ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ। ସ୍ୱାର୍ଥ ପାଇଁ ନେତା ଆଉ କର୍ମୀ ଦଳ ବଦଳ କରାଯାଉଥିବା ଦେଖା ଦେଇଥିଲା ବେଳେ ମେହେଙ୍ଗା ସିଂ ଦଳ ବଦଳ କରିନଥିଲେ। ସେ ଜଣେ ବିଜୁବାବୁଙ୍କ ସଚ୍ଚା କର୍ମୀ ଥିଲେ। ବିଜୁବାବୁଙ୍କ ଦେହାନ୍ତ ପରେ ମଧ୍ୟ ବିଜେଡିରେ ସଭାପତି ରହି ଦାୟିତ୍ୱ ନିର୍ବାହ କରିଥିଲେ। ମାଲକାନଗିରିରେ ଜନତା ଦଳ ହେଉ କି ବିଜୁ ଜନତା ଦଳ ହେଉ ମେହେଙ୍ଗା ସିଂଙ୍କୁ ବୁଝାଉଥିଲା । ସେ ଆଜି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ବର୍ତମାନ ତାଙ୍କ ମୃତ ଶରୀରକୁ ଦୁର୍ଗାଗୁଡି ସ୍ଥିତ ବାସଭବନ ରଖାଯାଇଛି। ତାଙ୍କ ମରଶରୀର ନିକଟରେ ପତ୍ନୀ ରାଜବନ୍ତ କୌର, ଦୁଇ ପୁଅ, ବୋହୂ, ନାତି ରହିଛନ୍ତି।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଊର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଊର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ଓ୍ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

### ଶିକ୍ଷାବିତ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ "ବରୀ ଗୌରବ ସମ୍ମାନ" ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ଓଡିଶା ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଦେବୀଙ୍କ ପୀଠରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବାସ ଚନ୍ଦ୍ର ମଜୁମଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଉଦଘାଟକ ଭ ।ବେ ଯୋଗଦେଇ ଅଦ୍ୱୈତ ସାର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସମାଜସେବୀ ଓ ଜଣେ ଉତ୍ସର୍ଗୀକୃତ ମଣିଷ ଭାବରେ ସମାଜର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ତୁଳସୀ ମହିଳା କଲେଜ ଅଧକ୍ଷ ପ୍ରଫେସର ଅଜୟ ସାମଲ ଓ ସମ୍ମାନୀତ ଅତିଥି ଭାବେ ଇନ୍ଦୁପୁର ସରପ  ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଳିକ, ଗମୁ ସରପ  ଜଗଦିଶ ଜେନା, ଶିକ୍ଷାବୀତ ନୀଳମାଧବ ପତି, ଶିକ୍ଷାବୀତ ହେମନ୍ତ ମହାପାତ୍ର, ସଚିଦାନନ୍ଦ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ନାୟକ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପମାଲ୍ୟ, ପଗଡି ଓ ଉ  ରୀୟ ପ୍ରଦାନ ପୂର୍ବକ "ବରୀ ଗୌରବ ସମ୍ମାନ"ରେ ସମ୍ମାନୀତ କରିଥିଲେ। ଏଥିସହିତ ବାରୁଣି ତୀର୍ଥ ଉନ୍ନୟନ କମିଟି ପକ୍ଷରୁ ମଧ୍ୟ ପ୍ରତିଷ୍ଠାତା ଅଧକ୍ଷ ପ୍ରକାଶ କୁମାର ଜେନା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କୁ "ବାରୁଣି ତୀର୍ଥ ସେବା ସମ୍ମାନ" ପ୍ରଦାନ କରିଥିଲେ। ଶିକ୍ଷାବିତ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ମୂରଲୀଧର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଦେବେନ୍ଦ୍ର କୁମାର ରାଉତ, ପ୍ରକାଶ ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂହ, ଚନ୍ଦନ ସାହୁ, ବିଜୟ କେତନ ଜେନା, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ସାହାଣୀ, ବେଣୁଧର ନାୟକ, ପୂର୍ବତନ ସରପ  ବିଜନ ମଲିକ, ପୂର୍ବତନ ଧୂମାତ ସରପ  ନରହରି ପାଣି, ଚିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶତାଧିକ ଶୁଭ ଚିନ୍ତକ ମା' ଚଣ୍ଡୀଦେବୀଙ୍କ ନିକଟରେ ସମୂହ ଦୀପଦାନ କରିବା ପରେ ମା' ବାସୁଳାଇ ସଂକୀ  ନ ଦଳ ମା'ଙ୍କ ପୀଠରେ କୀ  ନ କରିଥିଲେ।

# ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କ  ବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବ  ନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବ  ନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ




କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପ  ି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋ  ମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Sunday September 3, 2023 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୩,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଧର୍ମଶାଳା ପଂଚାୟତ ସମିତି ବୈଠକ

ଧର୍ମଶାଳା,(ପିଏନ୍): ଧର୍ମଶାଳା ପଂଚାୟତ ସମିତିର ୬ଷ୍ଠ ସାଧାରଣ ଅଧିବେଶନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ସଭାଗୃହରେ ଆଜି ଅନୁଷ୍ଠିତ ହୋଇଛି । ବୈଠକରେ ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ସଭାପତିତ୍ୱ କରିଥିଲେ । ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସରକାରଙ୍କର ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ । ବିଦ୍ୟୁତ୍ ସମସ୍ୟା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପଂଚମ ରାଜ୍ୟ ଅର୍ଥ କମିଶନ ଓ ପଂଚଦଶ କେନ୍ଦ୍ର ଅର୍ଥ କମିଶନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡ଼ିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଥିଲେ । ବଳକା ଥିବା ପଂଚମ ରାଜ୍ୟ କମିଶନଙ୍କ ୧୧କୋଟି ୧୧ଲକ୍ଷ ଟଙ୍କା ଓ ପଂଚଦଶ କେନ୍ଦ୍ର ଅର୍ଥ କମିଶନଙ୍କ ୧୭କୋଟି ୭୬ଲକ୍ଷ ୭୩ହଜାର ୪୪୬ଟଙ୍କାକୁ ବିନିଯୋଗ କରିବା ପାଇଁ ପଂଚାୟତସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ବିଡ଼ିଓ ଅନୁରୋଧ କରିଥିଲେ । ମୋ ଘର ଯୋଜନାରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ସହଯୋଗ କରୁ ନଥିବା ନେଇ କୋତପୁର ସରପଂଚ ସୁନାକର ବେହେରା, କବାଟବନ୍ଧ ସରପଂଚ ରବୀନ୍ଦ୍ର କୁମାର ସେନାପତି, ଉତରପ୍ରତାପ ସରପଂଚ ନିମାଇଁ ଚରଣ ମଲିକ, ଚହଟା ସରପଂଚ ସୁମିତ୍ରା ସ୍ୱାଇଁ, ବୃନ୍ଦାଦେଇପୁର ସମିତିସଭ୍ୟ ଦୀପକ ଦାସ ଅଭିଯୋଗ କରିଥିଲେ ।

## ଯୁବକଙ୍କୁ ଧର୍ମଶାଳା ଥାନାରେ ନିସ୍ତୁକ ମାଡ଼ ମାମଲା
## ପୂର୍ବତନ ଆଇଆଇସି ଓ ଏଏସ୍ଆଇଙ୍କୁ କୋର୍ଟ ପକ୍ଷରୁ ଜବାବ୍ ତଲବ

ଧର୍ମଶାଳା, (ପିଏନ୍): ଡକରା ପାଇ ଧର୍ମଶାଳା ଥାନାକୁ ଆସିଥିବା କ୍ଷିଗଡ଼ିଆ ଗାଁର ଦେବେନ୍ଦ୍ର ରାଉତ(୨୦)ଙ୍କୁ ପୁଲିସ୍ ନିସ୍ତୁକ ମାଡ଼ ମାରିବା ମାମଲାରେ ପୂର୍ବତନ ଆଇଆଇଆସି ରାକେଶ କୁମାର ତ୍ରିପାଠୀ ଓ ଏଏସ୍ଆଇ ବିଜୟ କୁମାର ସାହୁଙ୍କୁ ଚଣ୍ଡିଖୋଲ ଜେଏମ୍ଏଫ୍ସି କୋର୍ଟ ପକ୍ଷରୁ ଜବାବ୍ ତଲବ କରାଯାଇଛି । କେଉଁ ପରିସ୍ଥିତିରେ ଦେବେନ୍ଦ୍ରଙ୍କୁ ମାଡ଼ ମରାଯାଇ ଆହତ କରାଗଲା, ଏ ସଂପର୍କରେ ଦୁଇ ପୁଲିସ୍ ଅଧିକାରୀ ନିଜ ପକ୍ଷ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, କ୍ଷିଗଡ଼ିଆ ଗ୍ରାମର ପ୍ରଶାନ୍ତ ରାଉତଙ୍କ ପୁଅ ଦେବେନ୍ଦ୍ର ଓ ପଡ଼ୋଶୀଙ୍କ ମଧ୍ୟରେ ଜମିବାଡ଼ି ବିବାଦ ରହିଥିଲା । ଏ ସଂପର୍କରେ ଅଭିଯୋଗ ପାଇବା ପରେ ପୁଲିସ୍ ଦେବେନ୍ଦ୍ରଙ୍କୁ ଗତ ଏପ୍ରିଲ୍ ୨୨ତାରିଖରେ ଥାନାକୁ ଡକାଇଥିଲା । ହାଫ୍ପ୍ୟାଣ୍ଟ ପିନ୍ଧି ଥାନାକୁ ଯାଇଥିବାରୁ ଆଇଆଇସି ଶ୍ରୀ ତ୍ରିପାଠୀ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ବେକକୁ ପିଟିଥିଲେ । ଏସ୍ପିଙ୍କ ପାଖକୁ କାହିଁକି ଯାଇଥିଲୁ ? ସରପଂଚ ନୋମିନି କହିଛନ୍ତି ତୋତେ ବାଡ଼େଇ ମାରିଦେବି ବୋଲି କହି ଆଇଆଇସି ଓ ଏଏସ୍ଆଇ ଶ୍ରୀ ସାହୁ ତାଙ୍କୁ ନିସ୍ତୁକ ପିଟିଥିଲେ । ପୁଲିସ୍ ମାଡ଼ରେ ଅସୁସ୍ଥ ହୋଇ ପଡ଼ିବାରୁ ଦେବେନ୍ଦ୍ରଙ୍କୁ ପୁଲିସ୍ ଘେରାବନ୍ଦୀରେ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲା। ଖବର ପାଇ ଦେବେନ୍ଦ୍ରଙ୍କ ମା' ଓ ଭଉଣୀ ପହଁଚି ଦେବେନ୍ଦ୍ରଙ୍କ ଏପରି ଅବସ୍ଥା ଦେଖି କନ୍ଦାବୋବା କରିବା ସହିତ ଆଇଆଇସି, ସରପଂଚ ଓ ସମିତିସଭ୍ୟଙ୍କୁ ଦୋଷାରୋପ କରିଥିଲେ। ସ୍ଥିତି ଜଟିଳ ହେଉଥିବା ଦେଖି ଆଇଆଇସି ବିବାଦର ସମାଧାନ କରିଦେବେ ବୋଲି କହି ସମସ୍ତଙ୍କୁ ଗାଁକୁ ନେଇ ଯାଇଥିଲେ । ତେବେ ତହସିଲଦାର ଆସିଲେ ଜମି ମାପଚୁପ ହେବ ବୋଲି ପ୍ରତିଶ୍ରୁତି ଦେଇ ପୁଲିସ୍ ଫେରି ଆସିଥିଲା । ପରିବାର ପକ୍ଷରୁ ଆହତ ଦେବେନ୍ଦ୍ରଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସିତ ହୋଇଥିବା ଦେବେନ୍ଦ୍ର ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି । ସୁସ୍ଥ ହେବା ପରେ ନ୍ୟାୟ ପାଇଁ ସେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ସ୍ୱର୍ଗତ ଗୁରୁପଦ ମିଶ୍ରଙ୍କ ସ୍ମୃତି ସଭା

ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ୱାର୍କର୍ସ ୟୁନିଅନ ଓ ପାରାଦୀପ ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ମିଳିତ ଆନୁକୂଲ୍ୟରେ ଶନିବାର ଦିନ ବସଷ୍ଟାଣ୍ଡ ନିକଟରେ ଥିବା ୟୁନିଅନ କାର୍ଯ୍ୟାଳୟ ପରିସରରେ ଦିବଙ୍ଗ ସ୍ୱର୍ଗତ ଗୁରୁପଦ ମିଶ୍ରଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ସଭାରେ ଦୁଇ ଗୋଟି ୟୁନିଅନର ଉପସଭାପତି ଲକ୍ଷ୍ମୀପ୍ରିୟା ମହାନ୍ତି, କାର୍ଯ୍ୟକାରୀ ସଭାପତି ଅନନ୍ତ କୁମାର ଦାସ, ଗୁଣନିଧି ଚୌଧୁରୀ, ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, କୃଷ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ବ୍ରିଜେସ୍ କୁମାର ଲେଙ୍କା, ମନୋଜ କୁମାର ପରିଡା, ସଂଗ୍ରାମ କେଶରୀ ପଟ୍ଟନାୟକ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସ୍ୱର୍ଗତ ମିଶ୍ରଙ୍କ ଅମାୟିକ ବ୍ୟବହାର କାର୍ଯ୍ୟ ସ୍ଥଳିରେ ପାରଙ୍ଗମତା ଓ ୟୁନିଅନ ଭିତରେ ଭାଇଚାରା ରକ୍ଷା କରିବା ସହିତ ଶ୍ରମିକ ମାନଙ୍କର ଉନ୍ନତି ପାଇଁ କରିଥିବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ସୂଚନା ଥାଉକି, ସ୍ୱର୍ଗତ ମିଶ୍ର ପାରାଦୀପ ବନ୍ଦର ଚିକିତ୍ସାଳୟରେ ବଡବାବୁ ଭାବେ କୃତିତ୍ୱ ସହ କାର୍ଯ୍ୟ ନିର୍ବାହ କରିବା ସଙ୍ଗେ ସଙ୍ଗେ ଦେହାନ୍ତ ପୂର୍ବରୁ ବନ୍ଦରର ଭିଜିଲାନ୍ସ ବିଭାଗରେ ହେଡ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ ।

## ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଉନ୍ମୋଚିତ

ସମ୍ବଲପୁର,(ପି.ଏନ): ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଏକ ଅଭିନବ ଆୟ ଯୋଜନା ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଶୁଭାରମ୍ଭ କରାଯାଇଛି । ଯାହାକି ଗ୍ରାହକଙ୍କୁ ଏକ ବାର୍ଷିକ ଆଧାରରେ ବର୍ଦ୍ଧିତ ଆୟ କିମ୍ବା ଏକ ନିରନ୍ତର ନିୟମିତ ଆୟ ହାସଲ କରିବା ପାଇଁ ବିକଳ୍ପ ପ୍ରଦାନ କରୁଛି । ଆଇସିଆଇସିଆଇ ପ୍ରୁ ଗିଫ୍ଟ ଗ୍ରାହକଙ୍କୁ ଆୟ ଲାଭ, ପ୍ରିମିୟମ ପେମେଂଟ୍ ଅବଧି ଓ ଅନ୍ୟାନ୍ୟ ସୁବିଧାଗୁଡିକର ଏକ ବିକଳ୍ପ ପ୍ରଦାନ କରି ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ମୁତାବକ ପ୍ରଡକ୍ଟକୁ କଷ୍ଟମାଇଜ୍ କରିବା ପାଇଁ ଅନୁମତି ଦେଇଥାଏ। ନିଶ୍ଚିତ ଦୀର୍ଘାବଧି ଆୟ ସମେତ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଗ୍ରାହକଙ୍କୁ ଏକ ଲମ୍ପ୍ ସମ୍ ଲାଭ ପାଇବା ପାଇଁ ବିକଳ୍ପ ଦେଇଥାଏ। ଏହି ନୂତନ ଉତ୍ପାଦ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ, ଅମିତ୍ ପାଲ୍ଟା କହିଛନ୍ତିଯେ, ନ୍ତଆମେ ବିଲ୍ଟ-ଇନ୍ ଫ୍ଲେକ୍ସିବିଲିଟି ସହିତ ଏକ ଦୀର୍ଘାବଧି ସଂଚୟ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋର ଶୁଭାରମ୍ଭ କରି ଉତ୍ସାହିତ ରହିଛୁ ଯାହା ଗ୍ରାହକଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସହ ମେଳ ଖାଇବା ପାଇଁ ଉତ୍ପାଦକୁ ଆଡ୍ଜଷ୍ଟ କରିବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଉତମ ଭାବେ ପ୍ରସ୍ତୁତ ରହିବା ଏବଂ ଜୀବନର ଲକ୍ଷ୍ୟଗୁଡିକୁ ହାସଲ କରିବା ଲାଗି ସକ୍ଷମ କରୁଛି। ଉତ୍ପାଦରେ ଥିବା ଲାଇଫ୍ କଭର୍ କମ୍ପୋନେଂଟ୍ ବ୍ୟତୀତ ଏହା ପରିବାର ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି ।ନ୍ତଗ୍ରାହକଙ୍କ ନିକଟରେ ଏକ ଲମ୍ପ୍ ସମ୍ ବା ମୋଟ ଲାଭ ଭାବେ ପଇଠ କରାଯାଇଥିବା ପ୍ରିମିୟମର ୧୦୦% ପର୍ଯ୍ୟନ୍ତ ଯେକୌଣସି ରାଶିକୁ ଚୟନ କରିବାର ନମନୀୟତା ରହିଥାଏ। ଏହି ଫିଚର ସହିତ ଗ୍ରାହକମାନେ ଏକ ଘର କିଣିବା, ପ୍ରିୟଜନଙ୍କ ପାଇଁ ଦୀର୍ଘାବଧିର ବିରାସତ ଛାଡିଯିବା କିମ୍ବା ଏକ ଅବସରକାଳିନ ପାଣ୍ଠି ନିର୍ମାଣ କରିବା ଭଳି ଜୀବନର ସବୁଠାରୁ ସଫଳ ମୁହୂର୍ତଗୁଡିକ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ। ଏହି ଫିଚର-ସମୃଦ୍ଧ ପ୍ରଡକ୍ଟ ସୁନିଶ୍ଚିତ କରିଥାଏ ଯେ, ଆୟ ଅବଧି ସମୟରେ ବୀମାଧାରକଙ୍କର ମୃତ୍ୟୁ ଘଟିବା ସ୍ଥିତିରେ ନୋମିନି ଉକ୍ତ ଆୟ ଗ୍ରହଣ କରିବା ଜାରି ରଖିବେ। ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ୫ରୁ ୧୨ ବର୍ଷ ପର୍ଯ୍ୟନ୍ତ ଏକ ପ୍ରିମିୟମ ପେମେଂଟ୍ ଅବଧି ଶୃଙ୍ଖଳା ପ୍ରଦାନ କରୁଛି, ଯାହା ଗ୍ରାହକଙ୍କୁ ନିଜ ସୁବିଧା ଓ ଲକ୍ଷ୍ୟ ସମୟସୀମା ଅନୁଯାୟୀ ସଂଚୟ କରିବାକୁ ଦେଉଛି। ୮ମ ବର୍ଷ ପରଠାରୁ ଗ୍ରାହକମାନେ ସର୍ବାଧିକ ୩୦ ବର୍ଷ ପାଇଁ ଆୟ ଗ୍ରହଣ କରିବା ଆରମ୍ଭ କରିପାରିବେ।

## ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର ,(ପି.ଏନ): ପୂର୍ବତନ ବାଚସ୍ପତି ତଥା ପୂର୍ବତନ ମନ୍ତ୍ରୀ, ବିଧାୟକ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତାରେ କହିଛନ୍ତି ସ୍ୱର୍ଗତ ପାତ୍ର କିଛିଦିନ ଧରି ଅସୁସ୍ଥ ହୋଇ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କ ବିୟୋଗ ଖବର ମୋତେ ମର୍ମାହତ କରିବା ସହ ଗଭୀର ଦୁଃଖ ଦେଇଛି। ସ୍ୱର୍ଗତ ପାତ୍ରଙ୍କ ଅମର ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଶ୍ରୀଯୁକ୍ତ ପଟ୍ଟନାୟକ ଗଭୀର ସମବେଦନା ଜ୍ଞାପନା କରିଛନ୍ତି।

## ପିଇଓଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇଲେ ନିତ୍ୟାନନ୍ଦ ଗଣ୍ଡ

ନବରଙ୍ଗପୁର,(ପି.ଏନ): ରାଜ୍ୟ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଆହ୍ୱାନ କ୍ରମେ ନବରଙ୍ଗପୁର ଜିଲ୍ଲା ପିଇଓ ସଂଘ ତରଫରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଦଫା ଦାବି ନେଇ ଦୀର୍ଘ ୧୬ ଦିନ ଆନ୍ଦୋଳନ ଜାରି ରଖିଛନ୍ତି । ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀର ଶିକ୍ଷାଗତ ଯୋଗ୍ୟତା +୨ ରୁ +୩ କରିବା ସହିତ ଦରମା ହାର ଲେଭୁଲ - ୫ ରୁ ଲେଭୁଲ - ୯ କୁ ଧାର୍ଯ୍ୟ କରିବା ଓ ନୂତନ ପଦ ସୃଷ୍ଟି କରି ୧୦ ବର୍ଷ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ପିଇଓ ମାନଙ୍କ ପଦୋନ୍ନତି ପ୍ରଦାନ ସହିତ ଜିପିଡ଼ିଓ ପଦବୀରେ ଶତପ୍ରତିଶତ ପଦୋନ୍ନତି କରିବା ଏହି ଦୁଇ ଦଫା ଦାବି ନେଇ ସଂଘ ଆନ୍ଦୋଳନ କୁ ଓହ୍ଲାଇ ଥିବା ବେଳେ ଆଜି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ,ଗୌରୀ ମାଝୀ ଓ ନବରଙ୍ଗପୁର ପୌରପାଳିକା ଅଧକ୍ଷ କୁନୁ ନାୟକ ସମର୍ଥନ ଜଣାଇ ତାଙ୍କ ସହ ବସିଥିଲେ।

## ମାଛଧରା ବୋଟ୍‌ରେ ଅଜଣା ଯୁବକ- ପୋଲିସ୍‌ର ଅନୁସନ୍ଧାନ ଜାରୀ



ପାରାଦୀପ,(ପି.ଏନ): ଗୁରୁବାର ବିଳମ୍ବିତ ରାତିରେ ପାରାଦୀପ ଠାରୁ ୭୨ ନଟିକାଲ୍ ମାଇଲ୍ ଦୂର ଚିଲିକା ନିକଟରେ ଓମ ନମଃ ଶିବାୟ ନାମକ ଏକ ମାଛଧରା ବୋଟ୍‌କୁ ଜଣେ ଅଜଣା ଯୁବକ ହଠାତ୍ ଚଢି ଯାଇଥିଲେ । ତାଙ୍କୁ ଦେଖି ବୋଟ୍‌ରେ ଥିବା ମତ୍ସ୍ୟଜୀବୀମାନେ ଛାନିଆ ହୋଇଯାଇଥିଲେ । ମତ୍ସ୍ୟଜୀବୀମାନେ ନିକଟରେ ଥିବା ଅନ୍ୟ ମାଛଧରା ବୋଟ୍‌କୁ ଖବର ଦେଇଥିଲେ । ସେହି ଅଜଣା ଯୁବକଙ୍କୁ ଧରି ମାଛଧରା ବୋଟ୍‌ଟି ଶୁକ୍ରବାର ଦିନ ପୂର୍ବାହ୍ନରେ ପାରାଦୀପ ମାଛଧରା ବନ୍ଦରରେ ପହଂଚିଛି । ପାରାଦୀପ ମେରାଇନ୍ ପୋଲିସ୍ ସଂପୃକ୍ତ ସନ୍ଦିଗ୍ଧ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ମେରାଇନ୍ ଥାନାକୁ ନେଇ ଅନୁସନ୍ଧାନ ଆରମ୍ଭ କରିଛି । ବୋଟ୍‌ରେ ଥିବା ମତ୍ସ୍ୟଜୀବୀମାନେ କହିଛନ୍ତି ଶୁକ୍ରବାର ବିଳମ୍ବିତରେ ପାରାଦୀପ ଠାରୁ ୭୨ ନଟିକାଲ୍ ମାଇଲ୍ ଚିଲିକା ନିକଟରେ ଜାଲ ଉଠାଇ ସାରିବା ପରେ ଲଙ୍ଗର ପକାଇ ରହିଥିଲେ । ହଠାତ୍ ଜଣେ ଅଚିହ୍ନା ଯୁବକ ଲଙ୍ଗରର ରଶି ଧରି ବୋଟ୍ ଉପରକୁ ଉଠି ଆସିଥିଲେ । ତାଙ୍କର ଦେହରେ କୌଣସି ପୋଷାକ ନଥିଲା । ବୋଟର କର୍ମଚାରୀମାନେ ତାଙ୍କୁ ଅନ୍ୟ କୌଣସି ବୋଟ୍‌ର କର୍ମଚାରୀ ଭାବି ପଚାରାଉଚରା କରିଥିଲେ । ପାରାଦୀପରେ ଶୁକ୍ରବାର ଦିନ ପାରାଦିପ ମାଛଧରା ବନ୍ଦରରେ ପହଂଚିବା ପରେ ସଂପୃକ୍ତ ଯୁବକ ଜଣକ ତାଙ୍କ ଘର ଝାଡଖଣ୍ଡ ଅଂଚଳରେ ବୋଲି ଜଣାପଡିଛି । ତାଙ୍କ ନିକଟରୁ ଏକ ଏଟିଏମ୍ କାର୍ଡ ଜବତ କରାଯାଇଛି । ଭାରତୀୟ ତଟରକ୍ଷୀ ବାହିନୀ ଓ ପାରାଦୀପ ମେରାଇନ୍ ପୋଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

## 'ମେରି ମାଟି, ମେରା ଦେଶ୍' ଅଭିଯାନ ଅଧୀନରେ ଅମିତ ଶାହଙ୍କ ଦ୍ୱାରା 'ଅମୃତ କଳସ ଯାତ୍ରା'ର ଶୁଭାରମ୍ଭ



ନୂଆଦିଲ୍ଲୀ ,(ପି.ଏନ): 'ମେରି ମାଟି, ମେରା ଦେଶ୍' ଅଭିଯାନ ଅଧୀନରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସହଯୋଗିତା ମନ୍ତ୍ରୀ ଶ୍ରୀ ଅମିତ ଶାହ ଦିଲ୍ଲୀରେ ଶୁକ୍ରବାର 'ଅମୃତ କଳସ ଯାତ୍ରା'ର ଶୁଭାରମ୍ଭ କରିଛନ୍ତି। ତାଙ୍କ ଉଦ୍‌ବୋଧନରେ ଶ୍ରୀ ଶାହ ଏହା ସ୍ପଷ୍ଟ କରିଦେଇଥିଲେ ଯେ, 'ମେରି ମାଟି, ମେରା ଦେଶ୍' କାର୍ଯ୍ୟକ୍ରମରେ ଅନ୍ତର୍ନିହିତ ଉଦ୍ଦେଶ୍ୟ 'ମା'ମାଟିକୁ ପ୍ରଣାମ, ବୀରମାନଙ୍କୁ ସମ୍ମାନ ପ୍ରଦର୍ଶନ' ଅନେକ କିଛି ବ୍ୟକ୍ତ କରୁଛି।'ମେରି ମାଟି, ମେରା ଦେଶ୍' ଅଭିଯାନ ପୃଷ୍ଠଭୂମିରେ ଗୋଟିଏ ବିଶ୍ୱାସ ରହିଛି, ତାହା ହେଉଛି- ଭାରତ ମାତାକୁ ମୁକ୍ତ କରିବା ନିମନ୍ତେ ନିଜର ସବୁକିଛି ଉତ୍ସର୍ଗ କରିଥିବା ବୀର ଆତ୍ମାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଳି ଅର୍ପଣ ଏବଂ ସେମାନଙ୍କ ସ୍ମୃତିଚାରଣ କରିବା। ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ନିମନ୍ତେ ଶ୍ରୀ ଶାହ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, ଏହାକୁ ନେଇ ଦେଶର ପ୍ରତ୍ୟେକ ଅତ୍ୟନ୍ତ ଗର୍ବିତ ମନେକରୁଛନ୍ତି।ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଶ୍ରୀ ଅମିତ ଶାହଙ୍କ କୁଶଳୀ ମାର୍ଗଦର୍ଶନରେ 'ହର୍ ଘର ତିରଙ୍ଗା' ଅଭିଯାନର ସଫଳତା ପରେ 'ମେରି ମାଟି, ମେରା ଦେଶ୍' ଅଭିଯାନ ରାଷ୍ଟ୍ରପାଇଁ ଆତ୍ମବଳି ଦେଇଥିବା ବୀର ପୁଙ୍ଗବମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ ଆରମ୍ଭ କରାଯାଇଛି। ଗ୍ରାମ, ପଞ୍ଚାୟତ, ବ୍ଲକ, ସହରାଞ୍ଚର ସ୍ୱାୟତ୍ତ ସଂସ୍ଥା, ରାଜ୍ୟ ଏବଂ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଜରିଆରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ଏହି ଅଭିଯାନର ଅଂଶସ୍ୱରୂପ 'ଅମୃତ କଳସ ଯାତ୍ରା' ସମଗ୍ର ଦେଶରେ ଆୟୋଜନ କରାଯିବ। ଏହି ଯାତ୍ରା କାଳରେ ଦେଶର ବିଭିନ୍ନ କୋଣ ଅନୁକୋଣରୁ ମୃତ୍ତିକା ଏବଂ ଉଦ୍ଭିଦ ଚାରା ଦିଲ୍ଲୀକୁ ଅଣାଯିବ ଏବଂ ସେଠାରେ ସେଗୁଡିକୁ ଏକତ୍ର କରାଯାଇ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକୀ ନିକଟରେ 'ଅମୃତ ବାଟିକା' ସୃଷ୍ଟି କରାଯିବ, ଯାହା ପରିଶେଷରେ 'ଏକ୍ ଭାରତ-ଶ୍ରେଷ୍ଠ ଭାରତ'ର ପ୍ରତୀକ ପାଲଟିବ। ଏକ ମହାନ ଭାରତ ଗଠନ ନିମନ୍ତେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ପାଞ୍ଚଟି ନୀତି ମଧ୍ୟରେ ରହିଛି- ଏକ ବିକଶିତ ଭାରତ ଲକ୍ଷ୍ୟ, କ୍ରୀତଦାସ ମାନସିକତାରୁ ମୁକ୍ତି, ଜଣଙ୍କର ମୂଳାଧାର ଓ ପରମ୍ପରାକୁ ନେଇ ଗର୍ବ କରିବା, ଏକତା ଓ ଅଖଣ୍ଡତା ନିମନ୍ତେ ଜଣଙ୍କର ସମୁଦାୟ ଜୀବନ ଉତ୍ସର୍ଗ କରିବା ଏବଂ ନାଗରିକଙ୍କ ମଧ୍ୟରେ କର୍ତ୍ତବ୍ୟବୋଧ ଉଦ୍ରେକ କରିବା। ସାମ୍ପ୍ରତିକ ସମୟରେ 'ମେରି ମାଟି, ମେରା ଦେଶ୍' କାର୍ଯ୍ୟକ୍ରମ ଜରିଆରେ ଏହାକୁ ସକ୍ରିୟ ଭାବରେ ଆଗେଇ ନେବାର ପ୍ରୟାସ କରାଯାଉଛି। 'ମେରି ମାଟି, ମେରା ଦେଶ୍' ଭଳି ଏକ କାର୍ଯ୍ୟକ୍ରମ ଆୟୋଜନ ଚିନ୍ତାଧାରା କେବଳ ମୋଦୀ-ଶାହ ଦୁଇଜଣଙ୍କ ଦ୍ୱାରା କରାଯାଇପାରିବ, ଯାହାଙ୍କର ହୃଦୟ ଅତୁଟ ଦେଶଭକ୍ତିରେ ପରିପୂର୍ଣ୍ଣ ରହିଛି।

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray